## ସଂକ୍ଷେପରେ

### ମୋ ବସ୍‌ରେ ଯାତ୍ରୀଙ୍କଠାରୁ ଛିନତାଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ମୋ ବସ୍‌ରୁ ଯାତ୍ରୀଙ୍କଠାରୁ ଛିନତାଇ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ଅଞ୍ଚଳର ସୁକାନ୍ତ ବେହେରା (୩୯)। ତାଙ୍କଠାରୁ ପର୍ସ ଓ ସେଥିରେ ଥିବା ୫ ହଜାର ଟଙ୍କା ଜବତ କରିଛି। ସୂଚନାନୁସାରେ, ବୁଧବାର ଅପରାହ୍ନରେ ନୋମାନ ଅଲ୍ଲୀ ଏକ ଘରୋଇ ହସ୍ପିଟାଲସ୍ଥିତ ମୋ ବସ୍‌ଷ୍ଟାଣ୍ଡରୁ ମୋ ବସ ଯୋଗେ ଯାଉଥିବା ସମୟରେ ଅଭିଯୁକ୍ତ ତାଙ୍କ ମନିପର୍ସଟିକୁ ବଳପୂର୍ବକ ନେଇଯାଇଥିଲେ। ଏନେଇ ଅଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଝାମ୍ପିନେଲେ ରୁପା ଅଳଙ୍କାର ବ୍ୟାଗ୍

ଟାଙ୍ଗୀ,୧।୮(ରଘୁନାଥ ସାହୁ): ଟାଙ୍ଗୀ ଥାନା ଅଧୀନ ମାଟିଆପଡ଼ା ଗ୍ରାମରେ ଜଣେ ଫେରି ବେପାରୀଙ୍କଠାରୁ ରୁପା ଅଳଙ୍କାର ଥିବା ବ୍ୟାଗ ଝାମ୍ପିନେଇ ୩ଜଣ ଦୁର୍ବୃତ୍ତ ଫେରାର ହୋଇ ଯାଇଛନ୍ତି। ଲୁଟର ଶିକାର ହୋଇଥିବା ବେପାରୀ ହେଲେ ଟାଙ୍ଗୀ ଗୌଡ଼ସାହିର ରାଜକିଶୋର ନାୟକ। ଉକ୍ତ ବ୍ୟାଗରେ ଅଢ଼େଇ କେଜିର ରୁପା ଅଳଙ୍କାର, ୧୫ କେଜି ସିଲ୍‌ଭର ପ୍ଲେଟ, ୭କେଜି ଷ୍ଟିଲ ପିଠା ଖଡିକା, ଡଙ୍କି ଏବଂ କଣ୍ଟାପାଲ ବଟକରା ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସୂଚନା ମୁତାବକ, ରାଜକିଶୋର ଏକ ଲୁନାରେ ବୁଲି ସିଲ୍‌ଭର, ରସ ବାସନ ସାମଗ୍ରୀ ସହିତ ରୁପା ଅଳଙ୍କାର ବେପାର କରନ୍ତି। ପ୍ରତିଦିନ ଭଳି ଗୁରୁବାର ମଧ୍ୟ ସେ ବେପାର କରିବାକୁ ଯାଇଥିଲେ। କାଲୁପଡ଼ାଘାଟ ହାଇସ୍କୁଲଛକ ସ୍ଥିତ ଏକ ଦୋକାନରୁ ଜଳଖିଆ ଖାଇବା ପରେ ଜରିପଡ଼ା ପଞ୍ଚାୟତ ଅନ୍ତର୍ଗତ ମାଟିଆପଡା ଗ୍ରାମରେ ପହଞ୍ଚି ବେପାର କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ରାଜକିଶୋର ଧରିଥିବା ରୁପା ଅଳଙ୍କାର ଥିବା ବ୍ୟାଗଟିକୁ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

### କୋଇଲା ଭର୍ତ୍ତି ଟ୍ରକ୍ ଜବତ, ଚାଳକ ଗିରଫ

କଟକ,୧।୮(କାର୍ତ୍ତିକ ସାହୁ)

ବେଆଇନ କୋଇଲା ଚାଲାଣ ଅଭିଯୋଗରେ କଟକ ଆର୍‌ପିଏଫ୍ ଏକ କୋଇଲା ଭର୍ତ୍ତି ଟ୍ରକ୍‌କୁ ଜବତ କରିଛି। ସମ୍ପୃକ୍ତ ଟ୍ରକ୍‌ର ଚାଳକକୁ ଗିରଫ କରାଯାଇଛି। ସେ ହେଲେ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ନହରପୁରର ସେକ୍ ଅଲି ବାବୁ (୩୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, ଧାମରା-ଭଦ୍ରକ ସେକ୍‌ସନ୍ ରେଳପଥ ଅଞ୍ଚଳରୁ କୋଇଲା ଚୋରି ହୋଇ ଏକ ଟ୍ରକ୍‌ରେ କଟକ ଆସୁଥିବା ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଆର୍‌ପିଏଫ୍ କଟକ ଟିମ୍ ଏବଂ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ଟିମ୍ ମିଳିତ ଭାବେ ଜାତୀୟ ରାଜପଥ ୧୬ରେ ତୀକ୍ଷ୍ଣ ନଜର ରଖିଥିଲେ। ତେବେ ଟ୍ରକ୍ (ଓଡି-୦୪-କ୍ୟୁ-୪୯୯୬)ଟି ଚୋରା କୋଇଲା ପରିବହନ ନେଉଥିବା ବେଳେ କଟକ ନିର୍ଗୁଣ୍ଡି ନିକଟରୁ ଧରାପଡ଼ିଥିଲା। ଟ୍ରକ୍‌ରେ ପ୍ରାୟ ୨୦ଟନ୍ କୋଇଲା ଥିବା ଆକଳନ କରାଯାଇଛି।

# ୧୦,୦୪୧ ରକ୍ତ ନମୁନାରୁ ୨୪୧ ପଜିଟିଭ୍ ଚିହ୍ନଟ

## ଡେଙ୍ଗୁ ଦମନ ପାଇଁ ବିଏମ୍‌ସିର ଆହ୍ୱାନ

ଭୁବନେଶ୍ୱର, ୧।୮(ବନ୍ଦନା ସେଠୀ)

ଚଳିତ ବର୍ଷ ଜୁଲାଇ ୩୦ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ମୋଟ ୧୦ ହଜାର ୪୧ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୪୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୯ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ୯୪ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଥିବା ବିଏମ୍‌ସି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏଥିସହ ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ଟିମ୍ ସହିତ ସମନ୍ୱୟ ରକ୍ଷା କରି ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ସର୍ଭେଲାନ୍ସ ୨୦ ଜୁନ୍‌ରୁ ଆରମ୍ଭ ହୋଇଛି। ଡେଙ୍ଗୁ ସଂକ୍ରମଣ ରୋକିବା ପାଇଁ ପ୍ରାୟ ୮୫୦ ସ୍ୱେଚ୍ଛାସେବୀ ବିଏମ୍‌ସି ଅଞ୍ଚଳରେ ଘରଘର ବୁଲି ଡେଙ୍ଗୁ ଉତ୍ସଗୁଡିକ ହ୍ରାସ ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ମଶାବଂଶ ବୃଦ୍ଧି ଉତ୍ସ ହ୍ରାସ ସହିତ ଲାର୍ଭା ବିରୋଧୀ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଥିବା କୁହାଯାଇଛି। ସେହିପରି ଚଳିତ ମାସ ୨୨



ତାରିଖରୁ ସବୁ ୱାର୍ଡରେ ଅଟୋ ମାଉଁଟେଟ ଏବଂ ହ୍ୟାଣ୍ଡ ଅପରେଟେଡ୍ ଫଗିଂ ବା ମଶାଧୂଆଁ ଦେବା କାର୍ଯ୍ୟକ୍ରମ ଚାଲୁ ରହିଛି। ଅପରପକ୍ଷେ ଗତବର୍ଷ ତୁଳନାରେ ଚଳିତବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ୍ ରହିଥିବା ସୂଚନା ଦିଆଯାଇଛି। ୨୦୨୩ ଜୁଲାଇରେ ୨୧୯୫ ନମୁନା ଟେଷ୍ଟିଂ ହୋଇଥିବାବେଳେ ଚଳିତବର୍ଷ ଜୁଲାଇରେ ୩୩୧୭ ଟେଷ୍ଟିଂ ହୋଇଛି। ସେହିପରି ୨୦୨୩ରେ ୫୦୯ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୧୯୦ ରହିଛି। ଟେଷ୍ଟ ଓ ପଜିଟିଭ୍ ରେଟ୍ ୨୦୨୩ରେ ୨୩.୧୯% ରହିଥିବାବେଳେ ୨୦୨୪ରେ ଏହା ୫.୭୩ % ରହିଛି। ନାଗରିକଙ୍କ ସଚେତନତା ବୃଦ୍ଧି ହେତୁ ଏହା ସମ୍ଭବ ହୋଇପାରିଛି। ତେଣୁ ଏହି ସଚେତନତା ବଜାୟ ରଖି ଭୁବନେଶ୍ୱରର ଜନସ୍ୱାସ୍ଥ୍ୟକୁ ସମସ୍ତ ଦିଗରୁ ଉନ୍ନତ ରଖିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।



ଜାତୀୟ ରାଜପଥ ନଂ.୧୬ରେ ଟ୍ରାଫିକ୍ ଜାମ୍ ଯୋଗୁ ବାଣୀବିହାରରୁ ରସୁଲଗଡ଼ ପର୍ଯ୍ୟନ୍ତ ଗାଡିଗୁଡିକ ଭିଡ଼ରେ ଫସି ରହିଛି। (ଫଟୋ- ବିକାଶ ନାୟକ)

## ଏସ୍‌ବିଆଇର ମେଗା ଚାରାରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧।୮(ଅଭୟ ଦାଶ)

ଏସ୍‌ବିଆଇ ପକ୍ଷରୁ 'ଏକ୍ ପେଡ୍ ମା' କେ ନାମ' ଅଭିଯାନରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳ ଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ ୩୫୪୦ଟି ବିଭିନ୍ନ କିସମର ଚାରାଗଛ ରୋପଣ କରାଯାଇଛି। ବିଶେଷକରି ସମ୍ବଲପୁର ଜିଲାର ରେଙ୍ଗାଲି ଓ କୁଚିଣ୍ଡା, ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଓ କଣ୍ଟାବାଞ୍ଜି, ବରଗଡ଼ ଜିଲାର ବରଗଡ଼ ଓ ବରପାଲି ତଥା ଦେବଗଡ ଜିଲାର ବାର୍‌କୋଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଏକକାଳୀନ ଆୟୋଜିତ ହୋଇଯାଇଛି। ଏସ୍‌ବିଆଇ ସମ୍ବଲପୁର ଅଞ୍ଚଳର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ ପ୍ରବନ୍ଧକ ମାନସ କୁମାର ପ୍ରଧାନ ପ୍ରମୁଖ ରେଙ୍ଗାଲିସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଚାରାରୋପଣ କରିଥିଲେ। ସେହିପରି ବରଗଡ଼ ଏସ୍‌ବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ମଧୁସୂଦନ ରଥ ସ୍ଥାନୀୟ ବରଗଡ ଆଦର୍ଶ ବିଦ୍ୟାଳୟରେ ଏବଂ ବଲାଙ୍ଗୀର ଏସ୍‌ବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କୁର୍ସୁଡ ଟିଟିଲାଗଡ ଆଦର୍ଶ ବିଦ୍ୟାଳୟଠାରେ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନ ବା ପାଳନ ଅନୁକ୍ରମେ ଓ ସାର୍କ ସମ୍ବଲପୁର ସ୍ୱେଚ୍ଛା ସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ କାଳୁଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ନାବାଳିକା ବଳାତ୍କାର ମାମଲାର ରାୟ ଭୁବନେଶ୍ୱର ସ୍ପେଶାଲ ଜଜ୍(ପୋକ୍ସୋ) କମ୍ ଆଡିଶନାଲ ସେସନ ଜଜ୍-୪ରେ ପ୍ରକାଶ ପାଇଛି। ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ବିଚାର କରି ଅଭିଯୁକ୍ତ ଖୋର୍ଦ୍ଧା ନିରାକାରପୁରର କୃଷ୍ଣଚନ୍ଦ୍ର ବେହେରା ଓରଫ କାଳୁଙ୍କୁ ୩ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ତ୍ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ। ୪ ଜଣ ସାକ୍ଷୀ ଓ ୨୭ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ, ଦୋଷୀ କୃଷ୍ଣଚନ୍ଦ୍ର ୨୦୨୩ ମସିହାରେ ନାବାଳିକାଙ୍କୁ ଜୋରଜବରଦସ୍ତି ବାଇକରେ ଉଠାଇ ନେଇଥିଲେ। ଏନେଇ ନାବାଳିକାଙ୍କ ମା' ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷର ବରିଷ୍ଠ ସରକାରୀ ଓକିଲ ସୁବ୍ରତ ପ୍ରିୟଦର୍ଶୀ ପରିଚାଳନ କରୁଥିଲେ।

## ପାଉଁରୁଟି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ବଡଗଡ ଥାନା ଅଞ୍ଚଳରେ ଥିବା ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ପାଉଁରୁଟି ଛାଣୁଥିବାବେଳେ କୌଣସି କାରଣରୁ ନିଆଁ ଲାଗି ଯିବାରୁ ପାଖରେ ଥିବା କିଛି ସାମଗ୍ରୀ ଜଳିଯାଇଛି। ତେବେ ନିଆଁର ପ୍ରକୋପ ସହ ପ୍ରବଳ ଧୂଆଁ ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୂଚନାନୁସାରେ, ଦିନ ପ୍ରାୟ ସାଢେ ୧୨ଟା ସମୟରେ ଫ୍ୟାକ୍ଟ୍ରିରେ ଜଣେ ବ୍ୟକ୍ତି ଆଜବେଷ୍ଟସ ଘର ଆଗରେ ପାଉଁରୁଟି ଛାଣୁଥିଲେ। ଏହି ସମୟରେ କୌଣସି କାରଣରୁ ପାଖରେ ଥିବା ଜରି ଓ ତେଲରେ ଲାଗିଯାଇଥିଲା। ଫଳରେ ନିଆଁ ହୁତୁହୁତୁ ହୋଇ ଜଳି ଉଠିଥିଲା। ନିଆଁ ସହ ଧୂଆଁ ବହୁ ଉଚ୍ଚକୁ ଉଠିଥିଲା। ସ୍ଥାନୀୟ ଲୋକେ ଭିଡ ଜମାଇଥିଲେ ମଧ୍ୟ ପାଖକୁ ଯାଇ ନିଆଁ ଲିଭାଇବାକୁ ସାହସ କରିଥିଲେ।



## ବ୍ରାଉନସୁଗାର ଜବତ, ମହିଳା ସମେତ ୨ ଗିରଫ

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ପାର୍କ ନିକଟରେ ନିଶା ବେପାର କରୁଥିବାବେଳେ ଭରତପୁର ଥାନା ପୋଲିସ ମହିଳା ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଗଞ୍ଜାମର ରବୀନ୍ଦ୍ର ନାୟକ ଓ ସାଲିଆ ସାହିରେ ରହୁଥିବା ନୟାଗଡର ତିଲୋତ୍ତମା ନାୟକ। ଉଭୟଙ୍କଠାରୁ ୨୦ ଗ୍ରାମରୁ ଅଧିକ ବ୍ରାଉନସୁଗାର ଓ ୭ ହଜାରରୁ ଅଧିକ ଟଙ୍କା ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ନିଶାଦ୍ରବ୍ୟ କାହାଠାରୁ ଓ କେଉଁଠାରୁ ଆଣୁଥିଲେ, ତାହା ଜାଣିବା ଲାଗି ପୋଲିସ ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଗିରଫ ୨ଜଣଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## 'ନୂତନ କୋଠା କେବେ ହସ୍ତାନ୍ତର ହେବ ଜଣାଅ'

### ହାଇକୋର୍ଟରେ ଶିଶୁଭବନ ସମସ୍ୟା ମାମଲା

କଟକ,୧।୮ (କାର୍ତ୍ତିକ ସାହୁ)

ଶିଶୁଭବନର ନବନିର୍ମିତ କୋଠା କେବେ ସୁଦ୍ଧା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ସେନେଇ ଜବାବ ରଖିବାକୁ ହାଇକୋର୍ଟ ଗୁରୁବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଚାରି ସପ୍ତାହ ମଧ୍ୟରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଡ୍‌ଭୋକେଟ କମିଟି ଶିଶୁଭବନ ସମସ୍ୟା ଉପରେ ଦେଇଥିବା ରିପୋର୍ଟକୁ ନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ମଧ୍ୟ ରାଜ୍ୟ ସରକାର ଜବାବ ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ମୈତ୍ରୀ ସଂସଦ ପକ୍ଷରୁ କଟକ ଶିଶୁଭବନର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ସରଜମିନ୍ ତଦନ୍ତ ପାଇଁ ଆଇନଜୀବୀ ଅଜୟ ମହାନ୍ତି, ଅରୁଣ କୁମାର ବୁଢିଆ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ସେହି କମିଟି ଶିଶୁଭବନ ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗତ ପ୍ରାୟ ଦୁଇବର୍ଷ ଧରି ଶିଶୁଭବନ ପରିସରରେ ନିର୍ମିତ ନୂତନ କୋଠା ଏଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହି ନୂତନ କୋଠା ଶିଶୁଭବନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାନଯିବାର କାରଣ ଏବଂ ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ନୂତନ କୋଠା ଶିଶୁ ଭବନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉ ନଥିବା ସଂକ୍ରାନ୍ତରେ ଆବେଦନକାରୀ ଗୁରୁବାର ଶୁଣାଣି ବେଳେ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଟ୍ରାଫିକ ପୋଲିସକୁ ରେନ୍‌କୋଟ୍ ପ୍ରଦାନ



ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସହ ନୂଆ ରେନ୍ କୋଟ୍ ପିନ୍ଧିଥିବା ଟ୍ରାଫିକ କର୍ମଚାରୀମାନେ। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ବର୍ଷା ସମୟରେ ଟ୍ରାଫିକ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମିଳିବ ଆଶ୍ୱସ୍ତି। ଏନେଇ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ବର୍ଷା ଲାଗିରେନ୍ କୋଟ ଯୋଗାଇ ଦିଆଯାଇଛି। ଫଳରେ ସେମାନେ ବର୍ଷା ସମୟରେ ମଧ୍ୟ କାମ କରି ଟ୍ରାଫିକ ନିୟନ୍ତ୍ରଣ କରି ପାରିବେ। ଏନେଇ ଗୁରୁବାର ପୋଲିସ ସେବା ଭବନରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସମସ୍ତ ଟ୍ରାଫିକ କର୍ମଚାରୀଙ୍କୁ ରେନ୍‌କୋର୍ଟ ପ୍ରଦାନ କରିଥିଲେ। ଡିସିପି ପ୍ରତୀକ ସିଂ, ଟ୍ରାଫିକ ଏସିପି ଜୟନ୍ତ ଦୋରା, ଏସବିଆଇର ଜିଏମ ନେଟୱାର୍କ-୧ ଅପମ ଆଲାମ ଏମ, ଡିଜିଏମ୍ ଓ ସିଡିଓ ମନୋଜ କୁମାର ସିଂ, ଡିଜିଏମ୍ ଆରସିଡବ୍ଲ୍ୟୁ ଆଲୋକ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ ।

## 'ନାଟ୍ୟଧାରା'ର ପ୍ରଥମ ନାଟକ 'ଡାଇମଣ୍ଡ ରିଙ୍ଗ' ମଞ୍ଚସ୍ଥ

ଭୁବନେଶ୍ୱର,୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ 'ନାଟ୍ୟଧାରା'ର ପ୍ରଥମ ସନ୍ଧ୍ୟାରେ ନାଟକ 'ଡାଇମଣ୍ଡ ରିଙ୍ଗ' ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। 'ରଙ୍ଗଲୋକ' ନାଟ୍ୟାନୁଷ୍ଠାନର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ଅତିଥିଭାବେ ଓଡ଼ିଶା ସୋସାଇଟି ଅଫ୍ ଆମେରିକା ନାଟକ ବିଭାଗର ମୁଖ୍ୟ ସଂଯୋଜକ ଡ. ବସନ୍ତ ମହାପାତ୍ର, ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ଦେବାନନ୍ଦ ନାୟକ ଯୋଗଦେଇଥିଲେ। ନାଟକର ରଚନା ତୁଷାର କାନ୍ତ ପଟ୍ଟନାୟକ ଓ ନିର୍ଦ୍ଦେଶନା ଦେଇଛନ୍ତି ଦୁର୍ଯ୍ୟୋଧନ ସାହୁ। ନାଟକରେ ଧରିତ୍ରୀ ଖଣ୍ଡୁଆଳ, ଶୁଭଲକ୍ଷ୍ମୀ ରାଉତରାୟ, କାଜଲ ପ୍ରିୟଦର୍ଶିନୀ, ପ୍ରିୟଙ୍କା ପାଣ୍ଡେ ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଅଭିନୟ କରିଥିଲେ। ମଞ୍ଚରେ ପ୍ରଜ୍ଞାଦତ୍ତ ସାହୁ, ଆଲୋକରେ ରାକେଶ ଶତପଥୀ, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ସହ ନିର୍ଦ୍ଦେଶନାରେ ରକି ସ୍ୱାଇଁ, ପୋଷାକରେ ମାମା, ରୂପସଜ୍ଜାରେ ବିଧାନ, କାର୍ଯ୍ୟକାରୀ ପ୍ରଯୋଜନାରେ ସ୍ୱପ୍ନିତା ସାହୁ, କାର୍ଯ୍ୟକାରୀ ନିର୍ଦ୍ଦେଶନାରେ ଚିନ୍ମୁ, ରୋଶନ ଓ ରାଜା ମଞ୍ଚ ପରିଚାଳନାରେ ରକି ଓ ଶିବ ବେହେରା ଏବଂ ଉପସ୍ଥାପନାରେ ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ। ନାଟ୍ୟସଂଘ ସଭାପତି ମନୋଜ ପଟ୍ଟନାୟକ ସଭାରେ ସଭାପତିତ୍ୱ କରିଥିବାବେଳେ ସଂଯୋଜନା କରିଥିଲେ ସମ୍ପାଦକ ଶୁଭକାନ୍ତ ପାଢ଼ୀ। ନାଟକ ଆରମ୍ଭ ପୂର୍ବରୁ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ ଓ ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ମାଝିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



## ସଂକ୍ଷେପରେ

### କୋଇଲା ଭର୍ତ୍ତି ଟ୍ରକ୍ ଜବତ, ଚାଳକ ଗିରଫ

**କଟକ,୧।୮ (କାର୍ତ୍ତିକ ସାହୁ):** ବେଆଇନ କୋଇଲା ଚାଲାଣ ଅଭିଯୋଗରେ କଟକ ଆର୍‌ପିଏଫ୍ ଏକ କୋଇଲା ଭର୍ତ୍ତି ଟ୍ରକ୍‌କୁ ଜବତ କରିଛି। ସମ୍ପୃକ୍ତ ଟ୍ରକ୍‌ର ଚାଳକକୁ ଗିରଫ କରାଯାଇଛି। ସେ ହେଲେ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ନହରପୁରର ସେକ୍ ଅଲି ବାବୁ (୩୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, ଧାମରା-ଭଦ୍ରକ ସେକ୍‌ସନ୍ ରେଳପଥ ଅଞ୍ଚଳରୁ କୋଇଲା ଚୋରି ହୋଇ ଏକ ଟ୍ରକ୍‌ରେ କଟକ ଆସୁଥିବା ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଆର୍‌ପିଏଫ୍ କଟକ ଟିମ୍ ଏବଂ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ଟିମ୍ ମିଳିତ ଭାବେ ଜାତୀୟ ରାଜପଥ ୧୬ରେ ତୀକ୍ଷ୍ଣ ନଜର ରଖିଥିଲେ। ତେବେ ଟ୍ରକ୍ (ଓଡି-୦୪-କ୍ୟୁ-୪୯୯୬)ଟି ଚୋରା କୋଇଲା ପରିବହନ ନେଉଥିବା ବେଳେ କଟକ ନିର୍ଗୁଣ୍ଡି ନିକଟରୁ ଧରାପଡ଼ିଥିଲା। ଟ୍ରକ୍‌ରେ ପ୍ରାୟ ୨୦ଟନ୍ କୋଇଲା ଥିବା ଆକଳନ କରାଯାଇଛି। ରେଲୱେ ସମ୍ପତ୍ତି ଚୋରି କରିବା ଅଭିଯୋଗରେ ଆର୍‌ପିଏଫ୍ ଏକ କେସ୍ (ନଂ.୧୨/୨୦୨୪) ରୁଜୁ କରିଛି। ମାମଲାର ତଦନ୍ତ ଚାଲିଛି। ଏହି କାରବାରରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେନେଇ ତଦନ୍ତ କରାଯାଉଥିବା ଆର୍‌ପିଏଫ୍ ଆଇଆଇସି ଅନୀଲ ସିଂହ କହିଛନ୍ତି।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାଲେପୁର,୧।୮ (ଅରବିନ୍ଦ ଭୂୟାଁ)** ସାଲେପୁର ବ୍ଲକ୍ ଛାଣିପୁର ପଞ୍ଚାୟତର କରମୁଆଁସ୍ଥିତ ବିଶ୍ୱଭାରତୀ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ମିଶ୍ର, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଲଳିତ ମୋହନ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର କମଳାକାନ୍ତ ମହାନ୍ତି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଭୂୟାଁ, ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷାବିତ୍ ବିଜୟ କୁମାର ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭରତ କୁମାର ସ୍ୱାଇଁ, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ରନାଥ ସେଠୀ ଯୋଗଦେଇଥିଲେ। ଅତିଥିମାନେ ଅବସର ପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାପୀଠ ପକ୍ଷରୁ ମହାନ୍ତିଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ସାଲେପୁର ବ୍ଲକ୍‌ର କ୍ରୀଡ଼ା ଶିକ୍ଷକ ସଂଘ, ପୁରାତନ ଓ ଅଧୁନା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବାରିକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭାରତୀ ପ୍ରସାଦ ଜେନା, ଶୁକଦେବ ବେହେରାଙ୍କ ସହ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ନୂତନ କୋଠା କେବେ ହସ୍ତାନ୍ତର ହେବ ଜଣାଅ’

**ହାଇକୋର୍ଟରେ ଶିଶୁଭବନ ସମସ୍ୟା ମାମଲା**

**କଟକ,୧।୮ (କାର୍ତ୍ତିକ ସାହୁ):** ଶିଶୁଭବନର ନବନିର୍ମିତ କୋଠା କେବେ ସୁଦ୍ଧା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ, ସେନେଇ ଜବାବ ରଖିବାକୁ ହାଇକୋର୍ଟ ଗୁରୁବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଚାରି ସପ୍ତାହ ମଧ୍ୟରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଆଡ୍‌ଭୋକେଟ କମିଟି ଶିଶୁଭବନ ସମସ୍ୟା ଉପରେ ଦେଇଥିବା ରିପୋର୍ଟକୁ ନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ମଧ୍ୟ ରାଜ୍ୟ ସରକାର ଜବାବ ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ମୈତ୍ରୀ ସଂସଦ ପକ୍ଷରୁ କଟକ ଶିଶୁଭବନର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ସରଜମିନ୍ ତଦନ୍ତ ପାଇଁ ଆଇନଜୀବୀ ଅଜୟ ମହାନ୍ତି, ଅରୁଣ କୁମାର ବୁଦ୍ଧିଆ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ସେହି କମିଟି ଶିଶୁଭବନ ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗତ ପ୍ରାୟ ଦୁଇବର୍ଷ ଧରି ଶିଶୁଭବନ ପରିସରରେ ନିର୍ମିତ ନୂତନ କୋଠା ଏଯାଏ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହି ନୂତନ କୋଠା ଶିଶୁଭବନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାନଯିବାର କାରଣ ଏବଂ ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ନୂତନ କୋଠା ଶିଶୁ ଭବନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉ ନଥିବା ସଂକ୍ରାନ୍ତରେ ଆବେଦନକାରୀ ଗୁରୁବାର ଶୁଣାଣି ବେଳେ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



କଟକ ଚୌଧୁରୀବଜାର ନନ୍ଦସାହି ଅଞ୍ଚଳରେ ଖୋଲିଥିବା ରାଖୀ ଦୋକାନରୁ ଖୁଚୁରା ବ୍ୟବସାୟୀ ରାଖୀ କିଣୁଛନ୍ତି।

## ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବାଗତଙ୍କୁ ସ୍ୱାଗତ




**ଚୌଦ୍ୱାର,୧।୮ (ଆଶୁତୋଷ ଦାସ)** ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ସଭାଗୃହରେ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଶରତ ମଲ୍ଲିକ ଓ ଅଧ୍ୟାପିକା ସସ୍ମିତା ଭୂୟାଁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ଶୃଙ୍ଖଳାର ସହ ଭଲ ପାଠପଢ଼ି କଲେଜ, ନିଜ ନିଜର ପରିବାର ତଥା ସମାଜର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡ. ହରପ୍ରିୟା ମହାପାତ୍ର ଏଥିରେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ନବାଗତଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।

## ଚୋରି ଉଦ୍ୟମ କରି ଅଭିଯୁକ୍ତ ଗିରଫ

**ଚୌଦ୍ୱାର,୧।୮ (ଆଶୁତୋଷ ଦାସ)** ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ଗ୍ରାମରେ ଜଣକ ଘରେ ପଶି ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ବାଆନ୍ଦା ଗ୍ରାମର ସତ୍ୟବ୍ରତ ଦେହୁରୀ। ପୋଲିସ ଏ ସଂକ୍ରାନ୍ତରେ ୩୯୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସତ୍ୟବ୍ରତ ବୁଧବାର ମଧ୍ୟରାତ୍ରିରେ ତ୍ରିଲୋଚନ ରାଉତଙ୍କ ଘର କବାଟ ଭାଙ୍ଗି ଘର ଭିତରେ ପଶି ଚୋରି କରୁଥିବାବେଳେ ଘରଲୋକେ ଉଠିପଡ଼ି ଡାକ ପକାଇଥିଲେ। ଡାକ ଶୁଣି ପାଖ ପଡ଼ିଶା ରୁଣ୍ଡ ହୋଇଯିବାରୁ ସତ୍ୟବ୍ରତ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲେ। କିଛିଜଣ ଲୋକ ଚୋରକୁ ଚିହ୍ନିଥିବାରୁ ସେମାନଙ୍କଠାରୁ ସୂଚନାନେଇ ପୋଲିସ ସତ୍ୟବ୍ରତକୁ ଗିରଫ କରିଥିଲା।

## ପୋଖରୀରୁ ନାବାଳକଙ୍କ ମୃତଦେହ ମିଳିଲା

**ଟାଙ୍ଗୀ,୧।୮ (ରଘୁନାଥ ସାହୁ)** ଚାନ୍ଦପୁର ଥାନା ଅନ୍ତର୍ଗତ କୁକୁଡ଼ାଝରି ଗ୍ରାମ ପୋଖରୀରୁ ଗୁରୁବାର ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ସୁରେଶ ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ(୮)। ସୂଚନା ମୁତାବକ, ବୁଧବାର ସୂର୍ଯ୍ୟକାନ୍ତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରି ନ ଥିଲେ। ଗୁରୁବାର ସକାଳେ ଗ୍ରାମର ଏକ ପୋଖରୀରେ ସୂର୍ଯ୍ୟକାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସୂର୍ଯ୍ୟକାନ୍ତ ଗାଧୋଇବା କିମ୍ବା ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ିଯାଇଥିବା ପୋଲିସ ସନ୍ଦେହ କରୁଛି।

## ବନ୍ଧୁକ ଦେଖାଇ ୧୬ ହଜାର ନେଇଗଲେ

**ବେଗୁନିଆ,୧।୮ (ସନ୍ଧ୍ୟାରାଣୀ ମିଶ୍ର)** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଛକଠାରୁ ବେଗୁନିଆ ଯିବା ରାସ୍ତାର ଇଟା କମ୍ପାନୀ ନିକଟରୁ ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ଛାଟୋଇଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧୬ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସନ୍ତୋଷଙ୍କ ଅଭିଯୋଗକ୍ରମେ ବାଘମାରୀ ଥାନା ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସନ୍ତୋଷ ବୁଧବାର ସନ୍ଧ୍ୟାରେ କୌଣସି ଏକ କାର୍ଯ୍ୟରେ ଯାଉଥିବା ବେଳେ ଏକ ଇଟା କମ୍ପାନୀ ନିକଟରେ କଳାପଲ୍‌ସରରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ସନ୍ତୋଷଙ୍କଠାରୁ ୧୬ ହଜାର ଟଙ୍କା ନେଇ ପଳାଇଥିଲେ। ଏନେଇ ସନ୍ତୋଷ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଟ୍ୟାଙ୍କରରୁ ଫର୍ନେସ ଅଏଲ୍ ଅପମିଶ୍ରଣ ଘଟଣା: ୪ ଗିରଫ

**ଖୁଣ୍ଟୁଣୀ,୧।୮ (ସଚ୍ଚିଦାନନ୍ଦ ପଣ୍ଡା)** ଗତ ଜୁନ ୫ରେ ଭାଇଯାକ୍‌ରୁ ଖୁଣ୍ଟୁଣୀ ଆରତି କାରଖାନାକୁ ଆସୁଥିବା ଏକ ଫର୍ନେସ ତେଲ ବୋଝେଇ ଟ୍ୟାଙ୍କରରୁ ତେଲ କାଢି ଅନ୍ୟ ତେଲ ଅପମିଶ୍ରଣ କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନପୁର ଗୌରାଙ୍ଗ ଛକର ବିଶ୍ୱନାଥ ଓରଫ ପ୍ରଦୀପ ମେହେଟ୍ଟା, ମେଦିନାପୁର ପିଙ୍ଗଲା ଥାନାର ଯୋରମରା ଖିରାଇ ଗ୍ରାମର ସେକ୍ ଅବଦୁଲ ଗଫାର, ଜଗତ୍‌ସିଂହପୁର ସାଳିଜଙ୍ଗ ଗ୍ରାମର ଅସିତ୍ ମଲ୍ଲିକ ଓ କେନ୍ଦୁଝର ସଦର ଥାନା ରାଇସୁଆଁର ସେକ୍ ସାହାଯାଦ।



ଏମାନେ ସମସ୍ତେ ଭାଇଯାକ୍‌ରୁ ଅସୁଥିବା ଏନ୍‌ଏଲ୍ ୦୧-ଏଇ-୩୫୨୨ ଟ୍ୟାଙ୍କର ଚାଳକଙ୍କୁ ହାତ କରି ମୂଲ୍ୟବାନ ଫର୍ନେସ ତେଲ କାଢି ଏଥିରେ କମ୍ ଦାମ୍‌ର ତେଲ ଅପମିଶ୍ରଣ କରିଥିଲେ। ହେଲେ ଆରତି ଷ୍ଟିଲ କର୍ତ୍ତୃପକ୍ଷ ଏହା ଜାଣିବା ପରେ କାରଖାନାର ସୁରକ୍ଷା ଅଧିକାରୀ ବ୍ରିଜେଶ ଦ୍ୱିବେଦୀ ଗତ ଜୁନ ୧୬ରେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ ପରେ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ତଦନ୍ତ ଆରମ୍ଭ କରିଥିଲେ। ସେତେବେଳେ ପୋଲିସ ଟ୍ୟାଙ୍କର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଏନେଇ ୧୩୯/୨୪ରେ ଏକ ମାମଲା ରୁଜୁ କରିଥିଲା।

### ୨ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**କଟକ,୧।୮ (ଶିଳ୍ପା ପ୍ରିୟଦର୍ଶିନୀ)** କଟକରୁ ଗୁରୁବାର ୨ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଣେ ମଙ୍ଗଳାବାଗ ଅଞ୍ଚଳର ଓ ଅନ୍ୟ ଜଣକ କଟକ ସଦର ବାଲିକୁଦା ଅଞ୍ଚଳର । କଟକ ଜିଲାରେ ଏବେ ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୫୮ରେ ପହଞ୍ଚିଛି। ସେଥିମଧ୍ୟରୁ କଟକ ସହରରେ ୪୬ ଜଣ ଓ କଟକ ଜିଲାର ଅନ୍ୟାନ୍ୟ ସ୍ଥାନରୁ ୧୨ ଜଣ ରହିଛନ୍ତି। ଏନେଇ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା ସୂଚନା ଦେଇଛନ୍ତି, କଟକରେ ଏବେ ପ୍ରତ୍ୟେକ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି । ସମସ୍ତ ପ୍ରକାରର ମୁକାବିଲା ନେଇ ଆମେ ପ୍ରସ୍ତୁତ ରହିଛୁ ।

### ଶିକ୍ଷାବିତ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ପୁସ୍ତକ ଉନ୍ମୋଚନ, ସ୍ମୃତି ଚାରଣ

**ସାଲେପୁର,୧।୮ (ଅରବିନ୍ଦ ଭୂୟାଁ)** ଡ. ନିରଞ୍ଜନ ଲେଙ୍କା ଜଣେ ସ୍ୱାଭିମାନୀ, ନିରହଙ୍କାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ରୂପେ ସମଗ୍ର ଓଡ଼ିଶାରେ ପରିଚିତ ଥିଲେ। ତାଙ୍କର ଏକାଦଶ ସ୍ମୃତି ଶ୍ରଦ୍ଧାସଭା ସାଲେପୁରସ୍ଥିତ ରୋଧପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଡ. ପୂର୍ଣ୍ଣଚନ୍ଦ୍ର ଓଝା ଓ ଡ. ଗୌତମ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କ ପୁତ୍ର ଜଷ୍ଟିସ୍ ରାଜକିଶୋର ଲେଙ୍କା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସଦାଶିବ ଦାଶ, ଅଧ୍ୟାପକ ଗିରୀଶ ସାହୁ, ଡ. ରାମଚନ୍ଦ୍ର ମହାନ୍ତି, ଡ. ଅନିଲ କୁମାର ସ୍ୱାଇଁ, ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ସମ୍ପାଦକ ବିଷ୍ଣୁଚରଣ ମିଶ୍ର, ଅଧ୍ୟାପକ ପ୍ରଭାତ ନାୟକଙ୍କ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଲେଙ୍କାଙ୍କ ପୁତ୍ର ବରଦା ପ୍ରସନ୍ନ, ଶାରଦା ପ୍ରସନ୍ନ, ସୂର୍ଯ୍ୟରାଜ ଏବଂ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୧।୮ (ଯଯାତି ସିଂହ)** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ କୁଆଁପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧ୍ୟାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଶିକ୍ଷକ ବିଦ୍ୟାଧର ସେନାପତି, ଶିକ୍ଷୟିତ୍ରୀ ମମତା କୁମାରୀ ବେହୁରା, ପ୍ରତିମା ଘୋଷାଲ, ବନିତା ମାରାଣ୍ଡି ପ୍ରମୁଖ ଯୋଗଦେଇ ପଣ୍ଡା ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷୟିତ୍ରୀ ବୋଲି କହିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷା ପର ସ୍ଥିତି ବୁଲି ଦେଖିଲେ ନିର୍ବାହୀ ଅଧିକାରୀ



ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଏବଂ ଅନ୍ୟମାନେ ଚୌଦ୍ୱାର ସହର ବୁଲି ଦେଖୁଛନ୍ତି।

**ଚୌଦ୍ୱାର,୧।୮ (ଆଶୁତୋଷ ଦାସ):** ଲଗାଣ ବର୍ଷାରେ ବେହାଲ ହୋଇଛି ଚୌଦ୍ୱାର ସହର। ବିଭିନ୍ନ ସ୍ଥାନରେ ଜଳବନ୍ଦୀରେ ଲୋକେ ରହିଥିବାବେଳେ ୫୫ନଂ. ଜାତୀୟ ରାଜପଥରେ ବର୍ଷାଜଳ ଜମି ରହି ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ଗୁରୁବାର ସକାଳୁ ଦିନ ତମାମ ବର୍ଷା ଲାଗି ରହିବା ଫଳରେ ଜାତୀୟ ରାଜପଥ କଡ଼କୁ ଲାଗିଥିବା ନୂଆସାହି ସୁଇପର କଲୋନୀରେ ଲୋକଙ୍କ ଘରେ ବର୍ଷା ପାଣି ପଶିଯିବା ହେତୁ ଲୋକେ ନାହିଁ ନ ଥିବା ଅବସ୍ଥାରେ ଅଛନ୍ତି। ସେହିପରି ଧୁମାବତୀ ନଗରରେ ଥିବା ଲୋକେ ମଧ୍ୟ ଜଳବନ୍ଦୀରେ ରହିଥିବା ଦେଖିବାକୁ ମିଳିଛି। ଖବରପାଇ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, କାଉନସିଲର ଆଶୁତୋଷ ଦାସ ଓ ୱାର୍ଡ ଅଫିସର ରଶ୍ମିରଞ୍ଜନ ଦାସ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ପୌରପାଳିକାରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ବିଷ୍ଣୁପ୍ରସାଦଙ୍କୁ ଝୁରୁଛି ଜନ୍ମମାଟି

**ୱାୟନାଡ୍‌ରେ ଓଡ଼ିଆ ଡାକ୍ତରଙ୍କ ମୃତ୍ୟୁ ଘଟଣା**

- ଜନ୍ମଦିନ ପୂର୍ବରାତିରେ ଘଟିଥିଲା ଭୂସ୍ଖଳନ
- ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ

**ଗୋପ,୧।୮ (ଭାରତୀ ଭୂଷଣ ଉପାଧ୍ୟାୟ):** କେରଳର ୱାୟନାଡ୍ ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତ୍ୟୁକୁ ନେଇ ତାଙ୍କ ଜନ୍ମମାଟି ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ପରାଳ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁକୁ ସହଜରେ କେହି ବିଶ୍ୱାସ କରିପାରୁନାହାନ୍ତି। ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ତାଙ୍କର ବୃଦ୍ଧ ଜେଜେବାପା ଗୋବିନ୍ଦ ଚିନାରା, ଜେଜେମା ସଖିମଣୀ, ବାପା ପ୍ରମୋଦ ଚିନାରା, ଦାଦା ପ୍ରସନ୍ନ ଚିନାରାଙ୍କ ସହିତ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀ ତାଙ୍କୁ ଝୁରୁଛନ୍ତି।

ସୂଚନାଯୋଗ୍ୟ, ବିଷ୍ଣୁପ୍ରସାଦ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ଥିବାବେଳେ ମେଡିସିନରେ ପିଜି କରୁଥିଲେ। ଜୁଲାଇ ୨୭ରେ ତାଙ୍କର ଜନ୍ମଦିନ ଥିଲା। ତେଣୁ ତାଙ୍କର ସାଙ୍ଗ ଡାକ୍ତର ସ୍ୱାଧୀନ ପଣ୍ଡାଙ୍କ ସହିତ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ବିଷ୍ଣୁପ୍ରସାଦ (୩୦), ସ୍ତ୍ରୀ ପୂଜା ଓରଫ ପ୍ରିୟଦର୍ଶିନୀ ପାଲ (୨୬), ଡା. ସ୍ୱାଧୀନ ପଣ୍ଡା (୨୯) ଓ ତାଙ୍କ ବାନ୍ଧବୀଙ୍କ ସହିତ ୨୬ ତାରିଖରେ କେରଳର ୱାୟନାଡ୍ ବୁଲିବାକୁ ଯାଇଥିଲେ। ଘରୁ ଯିବାବେଳେ ବାପା ପ୍ରମୋଦ ପୁଅ ବୋହୂଙ୍କୁ ବୁଲାବୁଲି କରିବା ସମୟରେ ସତର୍କ ରହିବା ଲାଗି ପରାମର୍ଶ ଦେଇଥିଲେ। କିନ୍ତୁ ବିଧିର ବିଧାନ କେ କରିବ ଆନ। ସମସ୍ତେ ୱାୟନାଡରେ ପହଞ୍ଚି ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିଥିଲେ। ଜନ୍ମଦିନ ପାଳନ ପୂର୍ବରୁ ଅର୍ଥାତ୍ ୨୬ ତାରିଖ ରାତିରେ ହଠାତ୍ ଭୂସ୍ଖଳନ ଘଟିଥିଲା। ଏଥିରେ ବିଷ୍ଣୁପ୍ରସାଦଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରିୟଦର୍ଶନୀ କୌଣସି ମତେ ବଞ୍ଚିଯାଇଥିବା ସୂଚନା ମିଳିଛି। ସେହିପରି ସ୍ୱାଧୀନ ଏପର୍ଯ୍ୟନ୍ତ ନିଖୋଜ ଥିବାବେଳେ ତାଙ୍କର ବାନ୍ଧବୀ ବଞ୍ଚିଥିବା ଜଣାପଡ଼ିଛି। ଏପରି ଦୁଃଖଦ ଖବର ବିଷ୍ଣୁପ୍ରସାଦଙ୍କ ଗାଁରେ ପହଞ୍ଚିବା ପରେ ସମସ୍ତଙ୍କ ଆଖିରୁ ଲୁହ ଝରୁଛି। ବିଷ୍ଣୁପ୍ରସାଦଙ୍କ ବାପା ପ୍ରମୋଦ କୋହଭରା କଣ୍ଠରେ କାନ୍ଦି କାନ୍ଦି ସବୁ କଥା କହିଥିବାବେଳେ ସହଯୋଗ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଶୁକ୍ରବାର ମୃତଦେହ ପହଞ୍ଚିବା ନେଇ ସୂଚନା ମିଳିଥିବା ସେ ପ୍ରକାଶ କରିଛନ୍ତି।



ଡାକ୍ତର ବିଷ୍ଣୁପ୍ରସାଦ ଚିନାରା ଓ ତାଙ୍କ ସ୍ତ୍ରୀ ପ୍ରିୟଦର୍ଶନୀ ପାଲ୍।

## ସଂକ୍ଷେପରେ

### ପୋଖରୀରୁ ନାବାଳକଙ୍କ ମୃତଦେହ ମିଳିଲା

ଟାଙ୍ଗୀ,୧।୮(ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ କୁକୁଡ଼ାଝରି ଗ୍ରାମ ପୋଖରୀରୁ ଗୁରୁବାର ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ସୁରେଶ ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ(୮)। ସୂଚନା ମୁତାବକ, ବୁଧବାର ସୂର୍ଯ୍ୟକାନ୍ତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରି ନ ଥିଲେ। ଗୁରୁବାର ସକାଳେ ଗ୍ରାମର ଏକ ପୋଖରୀରେ ସୂର୍ଯ୍ୟକାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସୂର୍ଯ୍ୟକାନ୍ତ ଗାଧୋଇବା କିମ୍ବା ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ିଯାଇଥିବା ପୋଲିସ ସନ୍ଦେହ କରୁଛି।

### ବନ୍ଧୁକ ଦେଖାଇ ୧୬ ହଜାର ନେଇଗଲେ

ବେଗୁନିଆ,୧।୮(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଛକଠାରୁ ବେଗୁନିଆ ଯିବା ରାସ୍ତାର ଇଟା କମ୍ପାନୀ ନିକଟରୁ ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ଛାଟୋଇଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧୬ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସନ୍ତୋଷଙ୍କ ଅଭିଯୋଗକ୍ରମେ ବାଘମାରୀ ଥାନା ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସନ୍ତୋଷ ବୁଧବାର ସନ୍ଧ୍ୟାରେ କୌଣସି ଏକ କାର୍ଯ୍ୟରେ ଯାଉଥିବା ବେଳେ ଏକ ଇଟା କମ୍ପାନୀ ନିକଟରେ କଳାପଲ୍‌ସରରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ସନ୍ତୋଷଙ୍କଠାରୁ ୧୬ ହଜାର ଟଙ୍କା ନେଇ ପଳାଇଥିଲେ। ଏନେଇ ସନ୍ତୋଷ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବିଡିଓଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହେଲା

କୃଷ୍ଣପ୍ରସାଦ,୧।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା-ସାତପଡ଼ା ଚିଲିକାରେ ଯାତାୟାତ କରୁଥିବା ଡଙ୍ଗାଗୁଡ଼ିକ ସାଧାରଣ ଯାତ୍ରୀଙ୍କ ଠାରୁ ଭଡ଼ା ବାବଦରେ ଅଧିକ ଅର୍ଥ ଆଦାୟ କରୁଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା। ଯାତ୍ରୀ ପରିବହନ ନେଇ ଅବ୍ୟବସ୍ଥା ସମ୍ପର୍କରେ ବିଡିଓ ଅମୀୟ କୁମାର ପଣ୍ଡା ଅବଗତ ହେବା ପରେ ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ବିଡିଓ ପଣ୍ଡା ଯାତ୍ରୀ ପରିବହନ କରୁଥିବା ଡଙ୍ଗା ମାଲିକଙ୍କ ସହ ଆଲୋଚନା କରିଛନ୍ତି। ଯାତ୍ରୀମାନେ କିଭଳି ସୁବିଧା ଓ ସୁଲଭ ମୂଲ୍ୟରେ ଯାଇପାରିବେ ସେନେଇ ଆଲୋଚନା ହୋଇଥିଲା। ବାଇକ୍ ୨୦ଟଙ୍କା ଏବଂ ଯାତ୍ରୀଙ୍କ ପିଛା ୧୦ଟଙ୍କା ନେବେ ବୋଲି ଡଙ୍ଗାମାଲିକମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଗଡ଼ଖୋର୍ଦ୍ଧାରୁ ପଟ୍ଟନାୟିକିଆ ରାସ୍ତା ନିମ୍ନମାନର

## ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ)


କଂଗ୍ରେସ ନେତ୍ରୀ ସୋନାଲି ସାହୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗଡ଼ଖୋର୍ଦ୍ଧାଠାରୁ ପଟ୍ଟନାୟିକିଆ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଛି। ଏହି ରାସ୍ତା ଖୋର୍ଦ୍ଧା ଓ ପୁରୀକୁ ସଂଯୋଗ କରୁଛି। ଦୈନିକ ଶହ ଶହ ଦୁଇ ଓ ଚାରିଚକିଆ ଯାନ, ଘରୋଇ ବସ୍, ମାଲବାହୀ ଗାଡ଼ି ସମେତ ସ୍ଥାନୀୟ ଅଞ୍ଚଳବାସୀ ଯାତାୟାତ କରୁଥିବା ବେଳେ ଏହି ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ଆଣି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ରାସ୍ତାର ସ୍ଥିତି ଅନୁଧ୍ୟାନ, ଯାଞ୍ଚ କରାଯାଇ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

ଅଭିଯୋଗ ମୁତାବକ, ଗଡ଼ଖୋର୍ଦ୍ଧା ଠାରୁ ପଟ୍ଟନାୟିକିଆ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ କଂଗ୍ରେସର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଏକ ପ୍ରତିନିଧି ଦଳ ଉକ୍ତ ରାସ୍ତା ନିରୀକ୍ଷଣ କରିଥିଲେ। ନିମ୍ନମାନର କାମ କରାଯାଇଛି ବୋଲି ଦେଖିଥିଲେ ପ୍ରତିନିଧି ଦଳ। ରାସ୍ତାର ଦୁଇପାର୍ଶ୍ୱ କଂକ୍ରିଟ ନ ହେବାରୁ ଉଭୟ ପାର୍ଶ୍ୱ ରାସ୍ତା ଧୋଇ ହୋଇ ଘାଇ ହୋଇଯାଇଛି। ରାସ୍ତା କାମ ନିମ୍ନମାନର ହୋଇଥିବାରୁ ବର୍ଷାରେ ରାସ୍ତା ଧୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥ ତୋଷରପାତ କରାଯାଉଛି। ଉକ୍ତ ରାସ୍ତା ପାଇଁ କେତେ ଟଙ୍କାର ଟେଣ୍ଡର ହୋଇଥିଲା, ଠିକାଦାରଙ୍କୁ କେତୋଟି କିସ୍ତିରେ ବଲ୍ ପଇଠ ହୋଇଛି ଓ ଆଉ କେତେ ଟଙ୍କା ବାକି ଅଛି, ତାହା ଜନସାଧାରଣ ଜାଣିବାକୁ ଚାହୁଁଥିବା କଂଗ୍ରେସ ଦାବି କରିଛି। ବିଶେଷକରି ରାସ୍ତାର ଉଭୟ ପାର୍ଶ୍ୱରେ ଘାଇ ହୋଇଯିବାରୁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ସହିତ ନିମ୍ନମାନର କାମ ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏହାର ତୁରନ୍ତ ଯାଞ୍ଚ କରାଯାଇ ୧୫ଦିନ ମଧ୍ୟରେ ରିପୋର୍ଟ ସାର୍ବଜନୀନ କରିବାକୁ କଂଗ୍ରେସ ଦାବି କରିଛି। ଏନେଇ ଗତ ଜୁନ ୨୬ରେ ଏସଡିଓ-୨ ଙ୍କୁ ଭେଟି ଲିଖିତ ଅଭିଯୋଗ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଅଭିଯୋଗକୁ ଏକମାସ ବିତି ଯାଇଥିଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ୭ଦିନ ମଧ୍ୟରେ ରାସ୍ତା କାମ ଠିକ୍ ଭାବେ ନ ହୁଏ, ତେବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।



ଜୀବଜନ୍ତୁଙ୍କ କଲ୍ୟାଣକୁ ନେଇ ଜଟଣୀ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ବୈଠକରେ ଅଧିକାରୀ ଏବଂ ଅନ୍ୟମାନେ।

### ଜୀବଜନ୍ତୁଙ୍କ କଲ୍ୟାଣ ପାଇଁ ବୈଠକ

ଜଟଣୀ,୧।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ସଭାଗୃହରେ ଗୁରୁବାର ଜୀବଜନ୍ତୁଙ୍କ କଲ୍ୟାଣକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଜୀବଜନ୍ତୁ କଲ୍ୟାଣ ବୋର୍ଡର ସଦସ୍ୟ ରାମ.କେ. ରଘୁବଂଶୀ ଅଧ୍ୟକ୍ଷତା କରିଥିଲେ। ଜଟଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂଙ୍କ ସମେତ ପଶୁପାଳନ କରୁଥିବା ଏନ୍‌ଜିଓ ସଦସ୍ୟ ଓ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ବୈଠକରେ ପଶୁ ସଂରକ୍ଷଣ ଓ ସରକାରୀ ସ୍ତରରେ ସୁବିଧା ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ରଘୁବଂଶୀ ଜଟଣୀ ପୌରାଞ୍ଚଳର ଗୋଶାଳା ପରିଦର୍ଶନ କରି ଦାୟିତ୍ୱରେ ଥିବା ସେବା ଯୋଗାଣକାରୀ ସଂସ୍ଥା ସହ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

ଟାଙ୍ଗୀ,୧।୮(ରଘୁନାଥ ସାହୁ)

### ୯ରେ ରାଜପଥ ଅବରୋଧ ଚେତାବନୀ

ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୁସ୍‌ଲିମ୍ ସମ୍ପ୍ରଦାୟର ୨୦ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ କୁହୁଡ଼ି ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଦାବି ହେଉଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି। ରତନପୁର, କୁହୁଡ଼ି ସମେତ ୯ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଗଠିତ ଶାନ୍ତି କମିଟିର ନିଷ୍ପତ୍ତି ଅନୁଯାୟୀ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଗତ ୨୪ ତାରିଖରେ ଜିଲାପାଳ, ଏସ୍‌ପି, ଟାଙ୍ଗୀ ଥାନା ଆଇଆଇସି, ବାଲୁଗାଁ ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ତେବେ କୌଣସି ପଦକ୍ଷେପ ନିଆ ନ ଯିବାରୁ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ବିରିବାଡି, ଚଣ୍ଡେଶ୍ୱର, ପାରିଓରଡ଼, କୁଞ୍ଜୁରୀ ପଞ୍ଚାୟତର ଭଦ୍ର ବ୍ୟକ୍ତିମାନଙ୍କୁ ନେଇ ଗଠିତ କୋର କମିଟି ପକ୍ଷରୁ ପୁଣି ଥରେ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଗଷ୍ଟ ୭ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୯ ତାରିଖରେ ୧୬ନଂ. ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଶୃଙ୍ଖଳିତ ଶିକ୍ଷା, ଶାଳୀନତା ସୁନ୍ଦର ଭବିଷ୍ୟତର ଆଧାର

ବେଗୁନିଆ,୧।୮
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)




ବେଗୁନିଆ ମହାବିଦ୍ୟାଳୟ ପରିସରରେ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜ୍ଯୁ କମର୍ସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଯୁକ୍ତ ୨ ବିଜ୍ଞାନ, କଳା ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ନୂତନ ଭାବେ ଯୋଗଦେଇଥିବା ୨୩୨ଜଣ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିଧୁଭୂଷଣ ରାଉତ, ବାଣିଜ୍ୟ ବିଭାଗ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ, ଏନ୍‌ଏସ୍‌ଏସ୍ ଓ ରୋଭର ରେଞ୍ଜର ବିଭାଗ ଅଧ୍ୟାପକ ସୁବାସ ମେଲକା, ଅଧ୍ୟାପକ ନବକିଶୋର ବିଶୋୟୀ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ନୀତି, ନିୟମ, ଅଧ୍ୟୟନ, ପରୀକ୍ଷା, ନୀତିଶିକ୍ଷା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ଜରୁରୀ। ସେହିପରି ଶୃଙ୍ଖଳିତ ସହ ଆଚରଣ, ବ୍ୟବହାରରେ ଶାଳୀନତା ରକ୍ଷା କରି ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଶେଷରେ ଅଧ୍ୟାପକ ବିଶୋୟୀ ଧନ୍ୟବାଦ ଦେଇଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଝାଁଳା,୧।୮(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଦନପୁର ଗ୍ରାମର ଶ୍ରୀତମ କାଣ୍ଡି ଓ ତମାଣ୍ଡୋ ଥାନା ରେତଙ୍ଗ ଗ୍ରାମର ସୁଦର୍ଶନ ପରିଡା। ଚିକିତ୍ସା ପାଇଁ ଏମାନଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୮ଟାରେ ସୁଦର୍ଶନ ବାଇକରେ ରେତଙ୍ଗ ଯାଉଥିଲେ। ବିପରୀତ ପଟୁ ଶ୍ରୀତମ ବାଇକ୍‌ରେ ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ମୁହଁମୁହିଁ ଧକ୍କା ହୋଇଥିଲା।

## କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ବାଲୁଗାଁ,୧।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ସଭାଗୃହରେ ଏକାଦଶ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ନବାଗତ ଶିକ୍ଷାର୍ଥୀମାନଙ୍କୁ ସ୍ନାତକ ଛାତ୍ରୀଛାତ୍ରମାନେ ପୁଷ୍ପ ଚନ୍ଦନ ଦେଇଥିଲେ। ଡ. ସୁବୁଦ୍ଧି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ପରେ ଅନୁଷ୍ଠାନର ଶୈକ୍ଷିକ ଉତ୍କର୍ଷତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମାରୋହରେ ବରିଷ୍ଠ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ସୁବ୍ରତ କୁମାର ତ୍ରିପାଠୀ, ପ୍ରବୀଣ କୁମାର ଜେନା, ବିଦ୍ୟାଧର ଜୁଝାରସିଂହ, ହିମାଂଶୁ କୁମାର ଜେନା, କ୍ରିଷ୍ଣା ସେଠୀ, ରୀନା ରାଉତ, ଶିବରାମ ସିଂ, ସ୍ୱାତୀ ସ୍ୱାଗତିକା ସାହୁ, ଧୋବୀ ଚରଣ ପରଡ଼ା, କଳ୍ପନା ଗୁମାନସିଂହ, ସୁଧାକର ନାୟକ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାନୁଷ୍ଠାନର ଇତିହାସ, ଗରିମା, ଛାତ୍ରବୃତ୍ତି, ଶୃଙ୍ଖଳା, ପରୀକ୍ଷା ପଦ୍ଧତି, ବିଷୟ ଚୟନ, କ୍ୟାରିୟର କାଉନ୍‌ସେଲିଂ ଆଦି ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ନାରୁଣୀ କଲେଜର ଯୁକ୍ତ ୨ କଳା ଓ ବିଜ୍ଞାନ ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରଙ୍କ ପାଇଁ ମହାବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ପରିଚାଳନା ସଭାପତି ଅରୁଣ କୁମାର ଦାଶ ଯୋଗଦେଇଥିଲେ। ଏକାଡେମିକ ଅଧିକାରୀ ଅଧ୍ୟାପକ ବାଙ୍କନିଧି କହଲସିଂହ ଏବଂ ଅଧ୍ୟାପକ ସନ୍ତୋଷ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ, ଡ. କବିତା ଦେବୀ, ଅଧ୍ୟାପକ ଗୋଲୋକ ବିହାରୀ ବାରିକ, ରୁଦ୍ରପ୍ରସାଦ ନରେନ୍ଦ୍ର ସିଂହବର୍ମା ପ୍ରବେଶ ଉତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ। ବରିଷ୍ଠ ଅଧ୍ୟାପିକା ଲୀଳା ନନ୍ଦିଜା ଓ ଅଧ୍ୟାପିକା ମଞ୍ଜୁଲତା ଧନ୍ୟବାଦ ଦେଇଥିଲେ।

**ବାଣପୁର,(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ନବାଗତ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ ନବାଗତ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଛାତ୍ରୀମାନେ କିପରି ଜୀବନରେ ଶୃଙ୍ଖଳିତ, ନୈତିକତା ଓ ଉତ୍ତମ ଚରିତ୍ର ଗଠନ କରି ଗୁରମାନଙ୍କୁ ସମ୍ମାନ ଦେଇ ଅଧିକ ଶିକ୍ଷା ଗ୍ରହଣ କରିପାରିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ କୁମାର ମହାପାତ୍ର, ରବୀନ୍ଦ୍ର ମାର୍ଥା, ବିଭୁଧେନ୍ଦୁ ମାନସିଂହ, ଅକ୍ରୁର ପ୍ରଧାନ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରିଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ ଦାଶ, କସ୍ତୁରି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

**କଳାପଥର, (ଗଙ୍ଗାଧର ସାହୁ):** କଳାପଥର କଲେଜରେ ନବାଗତ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ପ୍ରିନ୍ସିପାଲ ସୁନନ୍ଦ କୁମାର ଛାଟୋଇ, ପୂର୍ବତନ ସରପଞ୍ଚ ମିର୍ଯ୍ୟସଦାର ଅଲ୍ଲୀ ବେଗ, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟାୟକ, ସମାଜସେବୀ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଦୀପ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ତୃପ୍ତି ଦାସ ଧନ୍ୟବାଦ ଦେଇଥିଲେ।

## ଛାତ୍ରାବାସ ପାଇଁ ଜମିର କେସ୍ ରେକର୍ଡ ମାଗିଲେ ଜିଲାପାଳ

ଟାଙ୍ଗୀ,୧।୮(ରଘୁନାଥ ସାହୁ)

ଭୁବନେଶ୍ୱର ଏମ୍ସ ମେଡିକାଲର ଡାକ୍ତରୀ ଛାତ୍ରମାନଙ୍କ ପ୍ରଶିକ୍ଷଣ ଓ ରହଣି ପାଇଁ ଟାଙ୍ଗୀରେ ଛାତ୍ରାବାସ ନିର୍ମାଣ ନିମନ୍ତେ ଚିହ୍ନଟ ଜମିର କେସ ରେକର୍ଡ ସ୍ଥାନୀୟ ତହସିଲଦାର ପଠାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଏମ୍ସ ମେଡିକାଲର ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ସେମାନଙ୍କର ରହଣି ପାଇଁ ଛାତ୍ରାବାସର ଆବଶ୍ୟକତା ରହିଛି। ଏବେ ସମସ୍ତ ଛାତ୍ରୀଛାତ୍ର ଭଡ଼ାଘର ନେଇ ରହୁଛନ୍ତି। ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରାବାସ ପାଇଁ ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ପ୍ରାୟ ୨ଏକର ଜମିକୁ ଚିହ୍ନଟ କରାଯାଇ ଏମ୍ସ ହସ୍ପିଟାଲ ନାମରେ ଦରଜ କରାଯାଇଛି। ଜମି ରେକର୍ଡଭୁକ୍ତ କରାଯିବା ପାଇଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି। ଗତ ମାସ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୧୬୦୯ରେ ତୁରନ୍ତ ଜମିର ପ୍ରିମିୟମ, ସେସ୍ ହିସାବ କରି ଜଣାଇବା ପାଇଁ ଟାଙ୍ଗୀ ତହସିଲଦାରଙ୍କୁ ଜଣାଇଛନ୍ତି।

# ଲକ୍ଷାଧିକ ଟଙ୍କାର ସୁନାଗହଣା, ଟଙ୍କା ଚୋରି

## ସାଇଣ୍ଟିଫିକ ଟିମ୍ ଓ ପୋଲିସର ତଦନ୍ତ ଜାରି


ପୋଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ଦିନରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି, ରାତିରେ ଘରେ ପଶି ଲୁଟ୍‌ପାଟ କରୁଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ପୁରୁସାହିର ଦୁଇ ଜଣଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ନେଇଯାଇଛନ୍ତି। ଖବରପାଇ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଜଗନ୍ନାଥ ମନ୍ଦିର ନିକଟ ମିନତିବାଳା ବେହେରା ଓ ସୌମ୍ୟରଞ୍ଜନ ନାୟକଙ୍କ ଘରୁ ଚୋରି ହୋଇଛି। ମିନତିବାଳାଙ୍କ ପରିବାର ଘର ଉପର ମହଲାରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଝରକା ତାଡି ଘରେ ପଶି ଆଲମିରା ଭାଙ୍ଗି ୮୫ଗ୍ରାମ ସୁନା ଅଳଙ୍କାର, ୨୨ଗ୍ରାମ ରୁପା ଅଳଙ୍କାର ଓ ୧୧ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ସୌମ୍ୟରଞ୍ଜନଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ପଶି ଗୋଟିଏ ସୁନାଚେନ, କାନଫୁଲ, ପାଉଁଜି ୨ହଳ ଏବଂ ୮,୫୦୦ ଟଙ୍କା ଲୁଟିନେଇଛନ୍ତି।

# ହଳଦିଆ କଲେଜ ଅଧ୍ୟକ୍ଷ ପ୍ରସଙ୍ଗ: ଦାୟିତ୍ୱ ଗ୍ରହଣ କଲେ ବିଜୟ

ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ହଳଦିଆ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀକୁ ନେଇ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଓ ଇନଚାର୍ଜ ଅଧ୍ୟକ୍ଷ ଇତିହାସ ଅଧ୍ୟାପକ ବିଜୟ କୁମାର ଭଞ୍ଜଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝାର ଅନ୍ତ ଘଟିଛି। ବିଧାନସଭାରେ ଜଟଣୀ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଗତ ୨୫ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ଶିକ୍ଷା ବିଭାଗ ଉମାକାନ୍ତଙ୍କୁ ନିରାକାରପୁର କଲେଜକୁ କରିଥିବା ବଦଳି ଆଦେଶକୁ କାଏମ ରଖିଥିବା ବେଳେ ଉମାକାନ୍ତ ବିଭାଗୀୟ ନିର୍ଦ୍ଦେଶ ଚିଠି ପାଇବା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଛନ୍ତି। ଅନ୍ୟପଟେ ଗତ ୩ତାରିଖ କଲେଜରେ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା ପରଠାରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଛୁଟିରେ ଥିବା ବିଜୟ କୁମାର ଭଞ୍ଜ ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ପୁଣି ଥରେ ଗୁରୁବାର ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶିଳ୍ପାଞ୍ଚଳ ଥାନା ପୋଲିସ ଏବଂ ଓକିଲଙ୍କ ଉପସ୍ଥିତିରେ କଲେଜରେ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ।

### ପ୍ରଶ୍ନ ଉଠାଇଲେ କମିଟି ସଦସ୍ୟ

କଲେଜରେ ବିଜୟଙ୍କଠାରୁ ସିନିୟର ଅଧ୍ୟାପିକା ଅଧ୍ୟାପକ ରହିଥିବା ବେଳେ ପରିଚାଳନା ସଭାପତି କମିଟିର ଅନ୍ୟ ସଦସ୍ୟମାନଙ୍କ ବିନା ଆଲୋଚନାରେ ଏକପାଖିଆ ଭାବେ ବିଜୟ କୁମାର ଭଞ୍ଜଙ୍କୁ ଦାୟିତ୍ୱ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଅନ୍ୟ ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଏନେଇ କୌଣସି ସଦସ୍ୟ ଏହାର ବିରୋଧ କରି ନ ଥିବା ବେଳେ ପରୋକ୍ଷରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ନାମ ନ ନେଇ ପୂର୍ବରୁ ଅଧ୍ୟାପକ, ସଭାପତିଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଥିବା ଜଣାଇଛନ୍ତି।

### ବଦଳି କଲେ, ନୂତନ ନିଯୁକ୍ତି ଦେଲେନି

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗ ଉମାକାନ୍ତ ପାତ୍ରଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଏବଂ ଜୁନ ୧୯ରୁ ବଦଳି ଆଦେଶ ଲାଗୁ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ତାଙ୍କ ସ୍ଥାନରେ କୌଣସି ନୂତନ ନିଯୁକ୍ତି କିମ୍ବା ଅନ୍ୟ କାହାରିକୁ ଦାୟିତ୍ୱ ଦିଆଯାଇ ନାହିଁ। ଏନେଇ ଉଚ୍ଚଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କେତେଜଣ ଅଭିଭାବକ କହିଛନ୍ତି।

### ନୀରବତାକୁ ନେଇ ପ୍ରଶ୍ନବାଚୀ

ଗତ ୩ ତାରିଖରେ କଲେଜ କ୍ୟାମ୍ପସ୍‌ରେ ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତି ଏବଂ ଅନ୍ୟ ୪ଜଣ ଯୁବକଙ୍କ ଆକ୍ରମଣ ଘଟଣାକୁ ନେଇ ଉଭୟପକ୍ଷ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଥିଲା। ତଦନ୍ତରେ ଅନୁସନ୍ଧାନ ବେଳେ ଆକ୍ରମଣ ଘଟଣାରେ ଇତିହାସ ଅଧ୍ୟାପକଙ୍କ ସମ୍ପୃକ୍ତି ନେଇ ଗତ ୨୬.୭.୨୪ ଥାନା ଅଧିକାରୀ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ନିବେଦନ କରିଥିଲେ। ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

### ଶୈକ୍ଷିକ ପରିବେଶ ପ୍ରତି ଗୁରୁତ୍ୱ ନାହିଁ

କଲେଜ ଅଧ୍ୟକ୍ଷ ପଦବୀକୁ ନେଇ ଗତ ୨୮ଦିନ ଧରି କଲେଜରେ ଅଶାନ୍ତ ପରିବେଶ ରହିଥିବା ବେଳେ ଏହାର ଶୈକ୍ଷିକ ବାତାବରଣକୁ ନେଇ ଉଚ୍ଚଶିକ୍ଷା ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ନ ପାଇବାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଲେଜର ଶୈକ୍ଷିକ ବାତାବରଣ ଫେରିବା ତଥା ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ସେଥିପ୍ରତି ବିଧାୟକ, ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

### ଚିଠି ଲେଖି ପୋଲିସ ଦାୟିତ୍ୱ ଖସାଇଦେଲା

ଛାତ୍ରୀଛାତ୍ରଙ୍କଠାରୁ ଅଭିଭାବକ, ବୁଦ୍ଧିଜୀବୀ ଆକ୍ରମଣ ଘଟଣାକୁ ନେଇ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା, ଆକ୍ରମଣକାରୀଙ୍କୁ ଗିରଫ ନ କରି ଫେରାର ଦର୍ଶାଇବା ନେଇ ବିଭିନ୍ନ ମହଲରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ, ଜିଲା ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ପୋଲିସ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଛି। ବିଧାନସଭା ଚାଲିଥିବା ବେଳେ ନିଜ ଦୋଷ ଲୁଚାଇବାକୁ ଯାଇ ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କୁ ଚିଠି ଲେଖି ପୋଲିସ ନିଜ ଉପରୁ ଦାୟିତ୍ୱ ଖସାଇଦେଲା ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

### ଅଭିଯୋଗ ଆଣିଲେ ପୂର୍ବତନ ଅଧ୍ୟକ୍ଷ, ସଭାପତି

ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଉକ୍ତ ଦିନ ଘଟଣାର ସବିଶେଷ ରିପୋର୍ଟ ଦାଖଲ ପାଇଁ ପରିଚାଳନା ସଭାପତିଙ୍କୁ ଗତ ୨୦.୭.୨୪ରେ ଚିଠି ଲେଖିଥିବା ସତ୍ତ୍ୱେ ସଭାପତି ଏହାର କୌଣସି ରିପୋର୍ଟ ଦାଖଲ କରିନଥିବା ବେଳେ ୩୧.୭.୨୪ରେ ସଭାପତି ପୂର୍ବତନ ଅଧ୍ୟକ୍ଷଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷଙ୍କ ନାଁରେ ଅର୍ଥ ତୋସରପାତ, ପଦର ଅପବ୍ୟବହାର, ଅସାମାଜିକ ଯୁବକଙ୍କୁ ଧରି ବିଶୃଙ୍ଖଳ ଆଚରଣ ଆଦି ଏକାଧିକ ପ୍ରସଙ୍ଗ ଉଠାଇଛନ୍ତି। ସେପଟେ ପରିଚାଳନା ସଭାପତିଙ୍କ ବିରୋଧରେ ପୂର୍ବତନ ଅଧ୍ୟକ୍ଷ ପୂର୍ବରୁ ଜିଲାପାଳଙ୍କଠାରୁ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କ ନିକଟରେ ଅନୁରୂପ ଭାବେ ଅଭିଯୋଗ ଆଣିଛନ୍ତି। ସେପଟେ ପରିଚାଳନା କମିଟିର ୬ଜଣ ସଦସ୍ୟ ମଧ୍ୟ ସଭାପତିଙ୍କ ବିରୋଧରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ, ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସଭାପତିଙ୍କ ମନମୁଖି କାର୍ଯ୍ୟ, ଉନ୍ନୟନମୂଳକ କାର୍ଯ୍ୟରେ ବାଧାସୃଷ୍ଟି, ସମ୍ପର୍କୀୟ ଅଧ୍ୟାପକଙ୍କୁ ସୁଯୋଗ ଦିଆଯିବା ନେଇ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ମିକ୍ସର ମେଶିନରେ ଚାପି ହୋଇ ଶ୍ରମିକ ମୃତ

ବଲଙ୍ଗା,୧।୮(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଗୋଡ଼ିମାଳଠାରେ ମିକ୍ସର ମେଶିନରେ ଚାପି ହୋଇ ଚିକିତ୍ସାଧୀନ ଥିବା ଜଣେ ଶ୍ରମିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ବଲଙ୍ଗା ଥାନା ଗୋପୀନାଥପୁର ଗ୍ରାମର ଜଗା ସେଠୀ (୪୦)। ସୂଚନା ମୁତାବକ, ଜଗା ବୁଧବାର ଗ୍ରାମର ଜଣେ ରାଜମିସ୍ତ୍ରୀ ସହ ଗୋଡ଼ିମାଳ ଗ୍ରାମକୁ ଛାତ ପକାଇବାକୁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ଜଗାଙ୍କ ଅଣ୍ଟାରେ ଭିଡ଼ାଥିବା ଗାମୁଛାଟି ମେଶିନରେ ଲାଗିଯାଇଥିଲା। ଫଳରେ ସେ ମେଶିନ ଭିତରେ ଚାପି ହୋଇ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ମେଡ଼ିକାଲ ପରିସରସ୍ଥ ପୋଲିସ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜଗା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଘରେ ତାଙ୍କର ସ୍ତ୍ରୀ ଓ ପୁଅ ଅଛନ୍ତି। ଜିଲାପାଳ ଏଥିପ୍ରତି ସାହାଯ୍ୟ ସହଯୋଗ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଧୁରଜଳ ଅଞ୍ଚଳରେ ଲାଗିଲା ଚାରା

ପୁରୀ,୧।୮(ଅଜିତ୍ କୁମାର ମହାନ୍ତି)

ମଧୁରଜଳର ସୁରକ୍ଷା ସହ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ପୁରୀ ମଧୁରଜଳ ଅଞ୍ଚଳରେ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଛି। ୨ ଦିନିଆ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଶାନ୍ତ ତ୍ରିପାଠୀ, ଶିବରାମ ପ୍ରଧାନ, ହୃଷୀକେଶ ପ୍ରଧାନ, କେଦାରନାଥ ମହାପାତ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ରଙ୍କ ସମେତ ସଂଗଠନର ଅନେକ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଖୁବ୍‌ଶୀଘ୍ର ସଂଗଠନ ପକ୍ଷରୁ ମଧୁରଜଳ ସଂଲଗ୍ନ ତାଳବଣିଆରେ ବ୍ୟାପକ ତାଳଗଜା ରୋପଣ କରାଯିବ ବୋଲି ଘୋଷଣା କରାଯାଇଛି।

### ଦିବ୍ୟାଙ୍ଗଙ୍କ ସହାୟତା ପାଇଁ 'ଆଲିମ୍‌କୋ' ଶିବିର

ଅସ୍ତରଙ୍ଗ,୧।୮(ମମତା ଜେନା)

ଯେଉଁ ଦିବ୍ୟାଙ୍ଗମାନେ ଗ୍ରାମାଞ୍ଚଳରେ କୌଣସି ସୁବିଧା ପାଉ ନ ଥିଲେ, ସେମାନଙ୍କ ସହାୟତା ପାଇଁ ଆଲିମକୋ ପକ୍ଷରୁ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଲିମକୋର ଡ. ଅନିଲ ନାୟକ, ଡ. ପ୍ରିନ୍ସ ପ୍ରୀତି ରଞ୍ଜନ ସାହୁଙ୍କ ସମେତ ୨ ସହଯୋଗୀ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କୁ ପରୀକ୍ଷଣ କରିଥିଲେ। ଏଥିସହ ସେମାନଙ୍କ ଆବଶ୍ୟକ କାଗଜପତ୍ରର ଯାଞ୍ଚ କରାଯାଇ ସହାୟତା ପାଇବାକୁ ଥିବା ଦିବ୍ୟାଙ୍ଗଙ୍କ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ ଏହିଭଳି ସୁବିଧା ଦିବ୍ୟାଙ୍ଗଙ୍କୁ ଯୋଗାଇ ଦିଆଯିବ ବୋଲି ବ୍ଲକ ଅଧିକାରୀ ସୂଚନା ଦେଇଛନ୍ତି। ବ୍ଲକ ଅଧକ୍ଷା ଆରତି ନାୟକ ଓ ବିଡିଓ ସସ୍ମିତା ବେହେରା ଉପସ୍ଥିତ ରହି ସମସ୍ତ ସହାୟତା ପ୍ରଦାନ କରିଥିଲେ।

# ବିଷ୍ଣୁପ୍ରସାଦଙ୍କୁ ଝୁରୁଛି ଜନ୍ମମାଟି

ଗୋପ,୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

## ୱାୟନାଡ୍‌ରେ ଓଡ଼ିଆ ଡାକ୍ତରଙ୍କ ମୃତ୍ୟୁ ଘଟଣା

- ଜନ୍ମଦିନ ପୂର୍ବରାତିରେ ଘଟିଥିଲା ଭୂସ୍ଖଳନ
- ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ

କେରଳର ୱାୟନାଡ୍ ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତ୍ୟୁକୁ ନେଇ ତାଙ୍କ ଜନ୍ମମାଟି ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ପରାଳ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁକୁ ସହଜରେ କେହି ବିଶ୍ୱାସ କରିପାରୁନାହାନ୍ତି। ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ତାଙ୍କର ବୃଦ୍ଧ ଜେଜେବାପା ଗୋବିନ୍ଦ ଚିନାରା, ଜେଜେମା ସଖିମଣୀ, ବାପା ପ୍ରମୋଦ ଚିନାରା, ଦାଦା ପ୍ରସନ୍ନ ଚିନାରାଙ୍କ ସହିତ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀ ତାଙ୍କୁ ଝୁରୁଛନ୍ତି।

ସୂଚନାଯୋଗ୍ୟ, ବିଷ୍ଣୁପ୍ରସାଦ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ଥିବାବେଳେ ମେଡିସିନରେ ପିଜି କରୁଥିଲେ। ଜୁଲାଇ ୨୭ରେ ତାଙ୍କର ଜନ୍ମଦିନ ଥିଲା। ତେଣୁ ତାଙ୍କର ସାଙ୍ଗ ଡାକ୍ତର ସ୍ୱାଧୀନ ପଣ୍ଡାଙ୍କ ସହିତ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ବିଷ୍ଣୁପ୍ରସାଦ (୩୦), ସ୍ତ୍ରୀ ପୂଜା ଓରଫ ପ୍ରିୟଦର୍ଶିନୀ ପାଲ (୨୬), ଡା. ସ୍ୱାଧୀନ ପଣ୍ଡା (୨୯) ଓ ତାଙ୍କ ବାନ୍ଧବୀଙ୍କ ସହିତ ୨୬ ତାରିଖରେ କେରଳର ୱାୟନାଡ୍ ବୁଲିବାକୁ ଯାଇଥିଲେ। ଘରୁ ଯିବାବେଳେ ବାପା ପ୍ରମୋଦ ପୁଅ ବୋହୂଙ୍କୁ ବୁଲାବୁଲି କରିବା ସମୟରେ ସତର୍କ ରହିବା ଲାଗି ପରାମର୍ଶ ଦେଇଥିଲେ। କିନ୍ତୁ ବିଧିର ବିଧାନ କେ କରିବ ଆନ। ସମସ୍ତେ ୱାୟନାଡରେ ପହଞ୍ଚି ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିଥିଲେ। ଜନ୍ମଦିନ ପାଳନ ପୂର୍ବରୁ ଅର୍ଥାତ୍ ୨୬ ତାରିଖ ରାତିରେ ହଠାତ୍ ଭୂସ୍ଖଳନ ଘଟିଥିଲା। ଏଥିରେ ବିଷ୍ଣୁପ୍ରସାଦଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରିୟଦର୍ଶିନୀ କୌଣସିମତେ ବଞ୍ଚିଯାଇଥିବା ସୂଚନା ମିଳିଛି। ସେହିପରି ସ୍ୱାଧୀନ ଏପର୍ଯ୍ୟନ୍ତ ନିଖୋଜ ଥିବାବେଳେ ତାଙ୍କର ବାନ୍ଧବୀ ବଞ୍ଚିଥିବା ଜଣାପଡ଼ିଛି। ଏପରି ଦୁଃଖଦ ଖବର ବିଷ୍ଣୁପ୍ରସାଦଙ୍କ ଗାଁରେ ପହଞ୍ଚିବା ପରେ ସମସ୍ତଙ୍କ ଆଖିରୁ ଲୁହ ଝରୁଛି। ବିଷ୍ଣୁପ୍ରସାଦଙ୍କ ବାପା ପ୍ରମୋଦ କୋହଭରା କଣ୍ଠରେ କାନ୍ଦି କାନ୍ଦି ସବୁ କଥା କହିଥିବାବେଳେ ସହଯୋଗ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଶୁକ୍ରବାର ମୃତଦେହ ପହଞ୍ଚିବା ନେଇ ସୂଚନା ମିଳିଥିବା ସେ ପ୍ରକାଶ କରିଛନ୍ତି।


ଡାକ୍ତର ବିଷ୍ଣୁପ୍ରସାଦ ଚିନାରା ଓ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ୍‌ଙ୍କ ଫାଇଲ ଫଟୋ।

## ଭବିଷ୍ୟତ ଗଢ଼ିବାରେ ବିଜ୍ଞାନ ସହାୟକ ହୋଇଥାଏ


ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଗୋପ,୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ବିଜ୍ଞାନ ଆମକୁ କେବଳ ଶିକ୍ଷା ଦେଇ ନ ଥାଏ। ବିଜ୍ଞାନ ଆମର ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଥାଏ। ଗୁରୁବାର ଗୋପ ବାଲିପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇଏହା କହିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ଖଟୋଇ ସାରା ବିଶ୍ୱରେ ଦେଶର ନା ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନେ ୧୧୩ଟି ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଥିଲେ। ବିଚାରକ ଭାବରେ ଶିକ୍ଷାବିତ୍ ପ୍ରସନ୍ନ କର, ରବୀନ୍ଦ୍ର ମିଶ୍ର ଓ ପ୍ରୀତିରଞ୍ଜନ ସାସମଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମନୋନୀତ କରିଥିଲେ। ଅତିଥି ଓ ବିଦ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ସେନାପତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ମେଳାକୁ ଅନନ୍ୟା ପାତ୍ର, ରଶ୍ମିତା ଜେନା, ବବିତା ପ୍ରଧାନ, ଦେବାଶିଷ ଦିକ୍ଷୀତ ପ୍ରମୁଖ ପରିଚାଳନା କରିଥିଲେ।


ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଙ୍ଗରେ 'ଦି ବିଲିଭର୍ସ' ପକ୍ଷରୁ ମଞ୍ଚସ୍ଥ ନାଟକ 'ପ୍ରଭାସ ଯଜ୍ଞ'ର ଏକ ଦୃଶ୍ୟ। (ଫଟୋ–ଯଜ୍ଞେଶ୍ୱର ମହାନ୍ତି )

## 'ଯୁଗେ ଯୁଗେ ବାତ୍ସଲ୍ୟ ମମତାର ଜୟ ହୋଇଛି'

ପୁରୀ,୧।୮(ଅଜିତ୍ କୁମାର ମହାନ୍ତି)

### ଶ୍ରୀଜଗନ୍ନାଥାୟନରେ ନାଟକ 'ପ୍ରଭାସ ଯଜ୍ଞ' ମଞ୍ଚସ୍ଥ

ଯୁଗେ ଯୁଗେ ବାତ୍ସଲ୍ୟ ମମତାର ଜୟ ହୋଇଛି। ଯୁଗେ ଯୁଗେ ଯଶୋଦା ମାଆର ବାତ୍ସଲ୍ୟ ପ୍ରେମରେ ଶ୍ରୀକୃଷ୍ଣମାନେ ପାଗଳ ହୋଇଯାଆନ୍ତି। ସେଇଥିପାଇଁ ତ, ପ୍ରଭାସ ଯଜ୍ଞରେ ଜନ୍ମଦାତ୍ରୀଙ୍କୁ ଛାଡ଼ି କୃଷ୍ଣ ଦୌଡ଼ିଥିଲେ ଯଶୋଦାଙ୍କ ନିକଟକୁ। ଏପରି ଏକ ସୁନ୍ଦର ପୌରାଣିକ କଥାବସ୍ତୁକୁ ନେଇ 'ଦି ବିଲିଭର୍ସ, ରାଉରକେଲା ପକ୍ଷରୁ ଗୁରୁବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଙ୍ଗରେ ଶ୍ରୀଜଗନ୍ନାଥାୟନର ନାଟକ 'ପ୍ରଭାସ ଯଜ୍ଞ' ମଞ୍ଚସ୍ଥ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଏ ଗ୍ରୁପ୍ ସହଯୋଗରେ ପରିବେଷିତ ଏହି ନାଟକ ପ୍ରାରମ୍ଭରେ ଭୁବନେଶ୍ୱରର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ସାମଲ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ନାଟକକୁ ପ୍ରବୀର୍ କୁମାର ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ଚିନ୍ମୟ ତ୍ରିପାଠୀ, ରଜତ ମହାପାତ୍ର, ପ୍ରତ୍ୟୁଷ ପାଢ଼ୀ, ମନୋଜ ନାୟକ, ଅଭିଳାଷ ସାହୁ, ସୁଲିପ୍ତା ଜେନା ଓ ମଧୁସ୍ମିତା ବାରିକ୍ ପ୍ରମୁଖ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରସନ୍ନ ମିଶ୍ର, ଚକ୍ରଧର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ଆର୍ତ୍ତତ୍ରାଣ ଶତପଥୀ, ଦୟାନିଧି ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ମହାନ୍ତି ଓ ବିକ୍ରମ ସାହୁ ପରିଚାଳନା କରିଥିଲେ।

## ଦୁଇ ବାଇକ୍ ଧକ୍କା, ୨ ଗୁରୁତର

ଯାଁଳା,୧।୮(ବୁଲା ବାରିକ୍):

ଇନ୍‌ଫୋସିସ୍‌ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମଦନପୁର ଗ୍ରାମର ଶ୍ରୀତମ କାଣ୍ଡି ଓ ତମାଣ୍ଡୋ ଥାନା ଅନ୍ତର୍ଗତ ରେତଙ୍ଗ ଗ୍ରାମର ସୁଦର୍ଶନ ପରିଡା। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୮ଟାରେ ସୁଦର୍ଶନ ବାଇକରେ ରେତଙ୍ଗ ଯାଉଥିଲେ। ବିପରୀତ ପଟୁ ଶ୍ରୀତମ ବାଇକ୍‌ରେ ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ମୁହିଁମୁହିଁ ଧକ୍କା ହୋଇଥିଲା।

## ମାମୁଁ, ସମ୍ପର୍କୀୟ ଭାଇଙ୍କୁ ଆକ୍ରମଣ

କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ):

### ବିବାଦ ସମାଧାନ କରିବାକୁ ଯାଇଥିଲେ

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ଥାନା ଅଧୀନ ବନ୍ଧମୁଣ୍ଡା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଜଣେ ଯୁବକଙ୍କ ଆକ୍ରମଣରେ ମାମୁଁ ଓ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବନ୍ଧମୁଣ୍ଡା ଗ୍ରାମର ମାଗା ସୁନ୍ଦରାୟଙ୍କ ତିନି ପୁଅ ଦିଲୀପ, ପଦୁ, ପ୍ରତାପଙ୍କ ମଧ୍ୟରେ ଜାଗାବାଡ଼ି ବଣ୍ଟନକୁ ନେଇ ବିବାଦ ଲାଗିରହିଛି। ମାଗା ଓ ଦୁଇପୁଅ ଦିଲୀପ, ପଦୁ ଗୋଟିଏ ପଟେ ଥିବାବେଳେ ସାନପୁଅ ପ୍ରତାପ ଓ ତାଙ୍କ ମାଆ ଆଉ ଗୋଟିଏ ପଟେ ରହିଥିଲେ। ମାଗା ଗାଁରେ ନ ରହି ମକରା ନଦୀ କୂଳରେ ଏକ କୁଡ଼ିଆ କରି ରହୁଥିଲେ। ଗୁରୁବାର ତିନିଭାଇ ଦିଲୀପ, ପଦୁ ଓ ପ୍ରତାପ ମକରା ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପ୍ରତାପଙ୍କ ସହିତ ଦୁଇଭାଇ ଓ ବାପାଙ୍କର ପାଟିତୁଣ୍ଡ ହୋଇଥିଲା। ପ୍ରତାପ ତାଙ୍କ ମାମୁଁ ସୁନାଖଳା ଗ୍ରାମର ଶାନ୍ତନୁ ବଳିୟାରସିଂହଙ୍କୁ ଡାକିଥିଲେ। ଶାନ୍ତନୁ ତାଙ୍କ ପୁତୁରା ରଘୁନାଥଙ୍କ ସହିତ ନଦୀକୂଳରେ ପହଞ୍ଚିଲାବେଳକୁ ଭଣଜା ପ୍ରତାପ, ଦିଲୀପ, ପଦୁ ଓ ଭିଣୋଇ ମାଗାଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ଦେଖିଥିଲେ। ସେ ପାଟିତୁଣ୍ଡ ଲାଗିବାକୁ ମନା କରିବାରୁ ସେମାନଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ହଠାତ୍ ଦିଲୀପ ଉତ୍ତ୍ୟକ୍ତ ହୋଇ ମାମୁଁ ଶାନ୍ତନୁ, ସମ୍ପର୍କୀୟ ଭାଇ ରଘୁନାଥଙ୍କୁ ଆକ୍ରମଣ କରିଥିଲେ ବୋଲି ଶାନ୍ତନୁଙ୍କ ସ୍ତ୍ରୀ ଦମୟନ୍ତୀ ବଳିୟାରସିଂହ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ–୧୫୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି। ଉଭୟ ଗୁରୁତର ଆହତ ଦ୍ୱୟଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।


ଆକ୍ରମଣରେ ଆହତ ହୋଇଥିବା ୨ବ୍ୟକ୍ତି।

## ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଥାନା ଅଧୀନ ବିଷ୍ଣୁପୁର ଗ୍ରାମ ସିଦ୍ଧେଶ୍ୱରଙ୍କ ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଭରତ ସ୍ୱାଇଁ(୪୬)। ତାଙ୍କଠାରୁ ପୋଲିସ ୩୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ପକ୍ଷରୁ ଜଣାପଡ଼ିଛି। ଏନେଇ ୬୯/୨୪–୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ନିରୀକ୍ଷକ କୁମ୍ଭପାଣି ସିନ୍ଧୁର, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉ କରିଥିଲେ। ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ସ୍ୱାଗତିକା ଘଡ଼ାଇ, ଶରତ ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ। ନିମାପଡ଼ା କଲେଜ ଡେଲ୍‌ଟା ଛକ, ଜେଲ ଛକ, ଗୋଲେଇ ଛକ, ଦୋଳବେଦୀ ଛକ, ପେଟାଘାଇ ରାସ୍ତା ଛକ ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା।

## 'ସୃଜନଶୀଳ ରଚନା, ଗବେଷଣାରେ ମନ ଦିଅନ୍ତୁ ବିଦ୍ୟାର୍ଥୀ'

ପୁରୀ,୧।୮(ଅଜିତ୍ କୁମାର ମହାନ୍ତି)

### ଭାଷାବିତ୍ ବିଜୟ ପ୍ରସାଦ ମହାପାତ୍ରଙ୍କ ଜୟନ୍ତୀ ସମାରୋହ

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଗୁରୁବାର ଭାଷାବିତ୍ ବିଜୟ ପ୍ରସାଦ ମହାପାତ୍ରଙ୍କ ଜୟନ୍ତୀ ଏବଂ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏବଂ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଆ ଭାଷା ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ବିଜୟ ପ୍ରସାଦ ମହାପାତ୍ରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତା ଭାବେ ଡ. ରବି ନାରାୟଣ ପଣ୍ଡା ଯୋଗଦେଇ ଭାଷା ଗବେଷଣାରେ ବିଜୟ ବାବୁଙ୍କ ଦକ୍ଷତା ଓ ବିଦେଶରେ କିପରି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସେ ଭାଷା ଅଧ୍ୟୟନ ଓ ଅଧ୍ୟାପନା କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଡ. ଅଶୋକ କୁମାର ମହାନ୍ତି ଯୋଗଦେଇ ବିଜୟ ପ୍ରସାଦ ମହାପାତ୍ରଙ୍କ ଗଳ୍ପ, ପ୍ରତିଭା ସମ୍ପର୍କରେ ଆଲୋଚନା କରି ପୁରୀ ସଂସ୍କୃତି ଓ ସମାଜ ଜୀବନରେ ସେ ପ୍ରଚାରକ ଥିଲେ ବୋଲି କହିଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନ ଦ୍ୱାରା ପ୍ରଭାବିତ ହେବା ସହ ସାହିତ୍ୟର ବିଦ୍ୟାର୍ଥୀମାନେ ସର୍ଜନଶୀଳ ରଚନା ଓ ଗବେଷଣାରେ ସମୟ ବିତାଇବାକୁ ଅଧ୍ୟକ୍ଷ ପ୍ରଫେସର ମିଶ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିବା ସହ ବିଜୟ ବାବୁଙ୍କ ଲେଖା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ହେନେରିଟା ମିଶ୍ର ଅତିଥି ପରିଚୟ ଏବଂ ଡ. ସୁପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ମାମୁନି ମାରାଣ୍ଡି ଓ ନରସିଂହ ସୁଆର ପରିଚାଳନା କରିଥିଲେ।



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## 'ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଛି ଶଙ୍ଖନାଦ ସେବା'

### ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ଶଙ୍ଖଧ୍ୱନି ଦିବସ

ପୁରୀ,୧।୮(ଅଜିତ୍ କୁମାର ମହାନ୍ତି)

ମରିଚୀକୋଟ ଛକଠାରେ ଗୁରୁବାର ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ଶଙ୍ଖଧ୍ୱନି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରୀମନ୍ଦିର ଚୂନରାସେବକ ଡ. ଶରତ କୁମାର ମହାନ୍ତି ଓ ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ଯୋଗଦେଇଥିଲେ। ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର କୁହାଯାଉଥିବା ବେଳେ ମହାପ୍ରଭୁଙ୍କ ଆୟୁଧ ହେଉଛି ଶଙ୍ଖ। ଶଙ୍ଖନାଦ ସେବା ଅନେକ ଦିନ ହେଲା ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଛି। କିନ୍ତୁ ଉକ୍ତ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ଦିନ ଶ୍ରୀମନ୍ଦିର ଦ୍ୱାରଫିଟା ଓ ମଙ୍ଗଳଆଳତି ସମୟରେ ସିଂହଦ୍ୱାର ଓ ଅରୁଣସ୍ତମ୍ଭ ନିକଟରେ ସେବା ପ୍ରଦାନ କରାଯାଉଛି। ଅଗଷ୍ଟ ୧ ତାରିଖକୁ ଏକବର୍ଷ ପୂର୍ତ୍ତି ଭାବେ ପାଳନ କରାଯାଇଛି। ଯଦି ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦିଅନ୍ତି, ତାହାହେଲେ ମହାପ୍ରଭୁଙ୍କ ବାହାର ଯାନିଯାତ୍ରା ସମୟରେ ଅନୁଷ୍ଠାନ ପକ୍ଷରୁ ଏହି ସେବା ଯୋଗାଇ ଦିଆଯିବ ବୋଲି ଅନୁରୋଧ କରାଯାଇଛି। ଅଗଷ୍ଟ ୧ରେ ଘରେ ଏବଂ ବିଭିନ୍ନ ମନ୍ଦିରରେ ଶଙ୍ଖନାଦ କରାଯାଇ ବିଶ୍ୱ ଶଙ୍ଖ ଦିବସ ଭାବରେ ପାଳନ କରାଯାଉ ବୋଲି ଅନୁଷ୍ଠାନର ମୁଖ୍ୟ ମନୋଜ କୁମାର ସାହୁ କହିଛନ୍ତି। ଏହି ଅବସରରେ ବିଶିଷ୍ଟ ଶଙ୍ଖବାଦକ ନାରାୟଣ ରାୟସିଂହ, ଜଗନ୍ନାଥ ପାଢୀ, ସୂର୍ଯ୍ୟକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାରାୟଣ ରାୟସିଂହ ପରିଚାଳନା କରିଥିଲେ। ଅରୁଣ ଗୁପ୍ତା, ଲକ୍ଷ୍ମୀପ୍ରିୟା ପାଢୀ, ସନ୍ତୋଷୀ ନାୟକ, ବିନାୟକ ରାୟସିଂହ, ହରେକୃଷ୍ଣ ନନ୍ଦ, ସୁନୀଲ ନନ୍ଦ, ଜଗବନ୍ଧୁ ବାରିକ, ଶଙ୍କର ପଣ୍ଡା, ବିଶ୍ୱଜିତ୍ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ବଡ଼ଦାଣ୍ଡ ସେବା ଅନୁଷ୍ଠାନର ସଦସ୍ୟା ଓ ସଦସ୍ୟମାନେ ଶଙ୍ଖ ଫୁଙ୍କୁଛନ୍ତି।

# ସ୍ୱତନ୍ତ୍ର ସ୍ତନ୍ୟପାନରେ ଜାତୀୟ ହାରଠାରୁ ଓଡ଼ିଶା ଆଗରେ

**ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)**

ଓଡ଼ିଶାରେ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ୬୮.୫% ଶିଶୁ ସ୍ତନ୍ୟପାନ କରନ୍ତି, ଯାହା ଜାତୀୟ ହାର ୪୧.୮%ଠାରୁ ଅଧିକ। ସେହିଭଳି ପ୍ରଥମ ୬ମାସରେ ନବଜାତ ଶିଶୁଙ୍କୁ ସ୍ୱତନ୍ତ୍ର ସ୍ତନ୍ୟପାନ କରାଇବାରେ ମଧ୍ୟ ଓଡ଼ିଶା ଜାତୀୟ ହାରଠାରୁ ଆଗରେ ରହିଛି। ଓଡ଼ିଶାରେ ଏହି ହାର ୭୨.୯% ଥିବାବେଳେ ଜାତୀୟ ହାର ୬୩.୭% ରହିଛି। ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ପକ୍ଷରୁ ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ ରିପୋର୍ଟକୁ ଆଧାର କରି ଏହି ସୂଚନା ଦିଆଯାଇଛି। ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ବିଶ୍ୱସ୍ତରୀୟ ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସ୍ତନ୍ୟପାନର ଉପକାରିତା ବିଷୟରେ ସଚେତନତା ବଢ଼ାଇବା ସହିତ ଯେ କୌଣସି ସ୍ଥାନରେ ଓ ଯେ କୌଣସି ସମୟରେ ସ୍ତନ୍ୟପାନ କରାଇବା ପାଇଁ ମା'ଙ୍କ ଅଧିକାରକୁ ପ୍ରୋତ୍ସାହନ, ସୁରକ୍ଷା ଏବଂ ସମର୍ଥନ ଦିଆଯାଉଛି। ଚଳିତ ବର୍ଷ ଅଭିଯାନର ବିଷୟବସ୍ତୁ ରହିଛି 'ପ୍ରତିବନ୍ଧକକୁ ଦୂର କରିବା: ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେବା'। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ କହିଲେ, ମା' କ୍ଷୀର ଶିଶୁପାଇଁ ପୋଷଣର ପ୍ରଥମ ଉତ୍ସ। ମା'କ୍ଷୀରରେ ସୁରକ୍ଷାମୂଳକ ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଏହା ଶିଶୁଙ୍କୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ସ୍ତନ୍ୟପାନ ମା' ଓ ଶିଶୁ ଉଭୟଙ୍କ ପାଇଁ ଲାଭଦାୟକ ଏବଂ ତାହା ସେମାନଙ୍କ ଆଜୀବନ ସ୍ୱାସ୍ଥ୍ୟ ବିକାଶକୁ ପ୍ରୋତ୍ସାହିତ କରିଥାଏ। ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ନବଜାତକଙ୍କୁ ସ୍ତନ୍ୟପାନ ଏବଂ ଜନ୍ମର ପ୍ରଥମ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଯିବା ଉଚିତ। ଏହି ସମୟ ମଧ୍ୟରେ ଅନ୍ୟ କୌଣସି ଖାଦ୍ୟ କିମ୍ବା ତରଳ ପଦାର୍ଥ ଯୋଗାଇ ଦିଆଯିବା ଉଚିତ ନୁହେଁ। ସରକାର

## ମା' କ୍ଷୀର ଶିଶୁ ପାଇଁ ପୋଷଣର ପ୍ରଥମ ଉତ୍ସ




ଗଣମାଧ୍ୟମ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ଓ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

୧୨ଟି ବେବି ଫ୍ରେଣ୍ଡ୍‌ଲି ହସ୍ପିଟାଲ ଇନିସିଏଟିଭ୍(ବିଏଫ୍ଏଚ୍ଆଇ) ପ୍ରମାଣିତ ଡାକ୍ତରଖାନା, ୨ଟି ଡାକ୍ତରଖାନାରେ ସମ୍ପୂର୍ଣ୍ଣ ସ୍ତନ୍ୟପାନ ବ୍ୟବସ୍ଥାପନ କେନ୍ଦ୍ର, ୧୮ଟି ସ୍ଥାନରେ ସ୍ତନ୍ୟପାନ ପରିଚାଳନା ୟୁନିଟ୍ ଏବଂ କଙ୍ଗାରୁ ମଦର୍ସ କେୟାର ମାଧ୍ୟମରେ ମା'ଶିଶୁଙ୍କ ଶାରୀରିକ ସ୍ପର୍ଶକୁ ପ୍ରୋତ୍ସାହନ କରି ସ୍ତନ୍ୟପାନକୁ ସମର୍ଥନ ଦେଉଛନ୍ତି। ଏଥିସହ ଜିଲା ମୁଖ୍ୟ ଡାକ୍ତରଖାନାରେ ୩୧ଟି ଶିଶୁ ଏବଂ କିଶୋର ପୋଷଣ (ଆଇୱାଇସିଏଫ୍) ପରାମର୍ଶ କେନ୍ଦ୍ର ସ୍ଥାପନ କରାଯାଇଛି। 'ମା' କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଆଇୱାଇସିଏଫ୍ ଅଞ୍ଚଳରେ ମେଡିକାଲ ଅଫିସର, ଷ୍ଟାଫ୍ ନର୍ସ, ଏଏନ୍ଏମ୍, ଆଶା ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ତାଲିମ ଦିଆଯାଇଛି ବୋଲି ଡା. ସାହୁ ମତ ଦେଇଛନ୍ତି।

ୟୁନିସେଫ୍ ଓଡ଼ିଶାର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଲେ, ଗଠନମୂଳକ ପ୍ରତିବନ୍ଧକ ଏବଂ ଫର୍ମୁଲା ମାର୍କେଟିଂ ଦ୍ୱାରା ଅନେକ ମହିଳା ସ୍ତନ୍ୟପାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନରେ ବ୍ୟାପକ ନୀତି, ସ୍ୱାସ୍ଥ୍ୟସେବାରେ ଉନ୍ନତି ଏବଂ ସମ୍ପ୍ରଦାୟର ପଦକ୍ଷେପଗୁଡ଼ିକ ନିଆଯିବାର ଆବଶ୍ୟକତା ରହିଛି। ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ପୋଷଣ ଯୁଗ୍ମନିର୍ଦ୍ଦେଶକ ଡ. ସ୍ମୃତିଜିତ ପଟ୍ଟନାୟକ ଯୋଗଦେଇ ଉଭୟ ମା' ଓ ଶିଶୁଙ୍କ ପାଇଁ ସ୍ତନ୍ୟପାନର ବହୁମୁଖୀ ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ।




୧।୮।୨୦୨୪

| ୪,୨୩,୭୩୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧୧୭.୭୮୦ ଗ୍ରାମ୍ |




କେରଳରେ ୱାୟନାଡ୍‌ରେ ଘଟିଥିବା ଭୂସ୍ଖଳନରେ ମୃତକ, ନିଖୋଜ ଓ କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## 'ସବୁ ମେଡିକାଲରେ ଇନ୍‌ସିନେରେଟର ମେଶିନ୍ ଲଗାଅ'

### ୩ ପ୍ରମୁଖ ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ମାମଲା

କଟକ,୧।୮ (କାର୍ତ୍ତିକ ସାହୁ): ରାଜ୍ୟର ୩ ପ୍ରମୁଖ ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ରାଜ୍ୟର ସମସ୍ତ ମେଡିକାଲରେ ଇନ୍‌ସିନେରେଟର ମେଶିନ୍ ଲଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀ ଅନୁସାରେ, ରାଜ୍ୟର ତିନି ପ୍ରମୁଖ ମେଡିକାଲ ଏସ୍‌ସିବି, ବୁର୍ଲା ଓ ବ୍ରହ୍ମପୁର ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଇନ୍‌ସିନେରେଟର ମେଶିନ୍ ନାହିଁ। ଏନେଇ ମୈତ୍ରୀ ସଂସଦ ପକ୍ଷରୁ ରୁଜୁ ମାମଲାରେ ତିନୋଟି ଯାକ ମେଡିକାଲ ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ ହାଇକୋର୍ଟ ଆଡ୍‌ଭୋକେଟ୍ କମିଟିକୁ ଆଦେଶ ଦେଇଥିଲେ। ଆଡ୍‌ଭୋକେଟ କମିଟି ପରିଦର୍ଶନ ବେଳେ ୩ଟିଯାକ ମେଡିକାଲ ମଧ୍ୟରୁ ୨ଟି ମେଡିକାଲ ଏମ୍‌ସିବି ଓ ବୁର୍ଲା ମେଡିକାଲରେ ଇନ୍‌ସିନେରେଟର ମେଶିନ୍ ଲାଗି ନାହିଁ ବୋଲି ହାଇକୋର୍ଟଙ୍କୁ ଗୁରୁବାର ଶୁଣାଣିରେ ଜଣାଇଥିଲେ। ଏଥିସହ ସରକାରୀ ଓକିଲ ମଧ୍ୟ ଜବାବରେ କେବଳ ବ୍ରହ୍ମପୁର ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଇନ୍‌ସିନେରେଟର ମେଶିନ୍ ଲାଗିଛି, ମାତ୍ର କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ହାଇକୋର୍ଟଙ୍କୁ ଜଣାଇଥିଲେ। ଆଉ ୨ଟି ଯାକ ମେଡିକାଲ ଏସ୍‌ସିବି ଓ ବୁର୍ଲା ମେଡିକାଲରେ ଲାଗିନଥିବା କହିଥିଲେ। ଆବେଦନକାରୀ ମୈତ୍ରୀ ସଂସଦ ପକ୍ଷରୁ ଆଡ୍‌ଭୋକେଟ ଅଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମେଣ୍ଢାଶାଳରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ

**ବାରଙ୍ଗ,୧।୮ (ଲିଙ୍ଗରାଜ ରାଉତ)**

ମେଣ୍ଢାଶାଳ ଗ୍ରାମରେ ୨ମହିଳା ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ରାନୁ ସାହୁ(୨୦) ଓ ରେବତୀ ଭୋଇ(୨୫)। ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ମୋହନ ହେମ୍ବ୍ରମ କହିଛନ୍ତି। ଭୁବନେଶ୍ୱର ବ୍ଲକର କୌଣସି ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ନ ଥିବାବେଳେ ପ୍ରଥମ କରି ମେଣ୍ଢାଶାଳରେ ଚିହ୍ନଟ ହୋଇଥିବା ସେ କହିଛନ୍ତି। ଗାଁ ଚାରିପଟେ ମଇଳା ପାଣି ଜମା ହୋଇରହୁଥିବାରୁ ମଶାଙ୍କ ସଂଖ୍ୟା ଧୀରେଧୀରେ ବୃଦ୍ଧି ପାଇବା ସହ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୁବଶୀଘ୍ର ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଗାଁରେ ବିଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

## ନନ୍ଦନକାନନ ଜଗିବେ ଓଆଇଏସ୍ଏଫ୍

**ବାରଙ୍ଗ,୧।୮ (ଲିଙ୍ଗରାଜ ରାଉତ)**

ଓଆଇଏସ୍ଏଫ୍ (ଓଡ଼ିଶା ଶିଳ୍ପ ସେବା ବାହିନୀ)ର ୩୫ ଜଣିଆ ସଦସ୍ୟଙ୍କୁ ନେଇ ଗଠିତ ଏକ ପ୍ଲାଟୁନ ଫୋର୍ସ ଗୁରୁବାରଠାରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଜଗିବା ଆରମ୍ଭ କରିଛନ୍ତି। ନନ୍ଦନକାନନ, ପର୍ଯ୍ୟଟକଙ୍କ ସୁରକ୍ଷା ସହ ଅନ୍ୟାନ୍ୟ ସୁରକ୍ଷା ନେଇ କର୍ତ୍ତୃପକ୍ଷ ଏଭଳି ପଦକ୍ଷପ ନେଇଛନ୍ତି। ଏହି ପ୍ଲାଟୁନ ଫୋର୍ସରେ ଜଣେ ଇନ୍ସପେକ୍ଟର, ୪ ସବ୍ ଇନ୍ସପେକ୍ଟର ଏବଂ ୩୦ କନଷ୍ଟେବଲ ରହିଛନ୍ତି। ଏନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଓ ଓଆଇଏସ୍ଏଫ୍ ମଧ୍ୟରେ ଜୁଲାଇରେ ଗୋଟିଏ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ପ୍ରକାଶଥାଉ କି, ଏପ୍ରିଲ ୨୯ରେ ସନ୍ତୋଷ ପାହାଡସିଂ ଓ ସନ୍ତୋଷ ସାମଲ ନାମକ ୨ ଯୁବକ ମାରଣାସ୍ତ୍ର ଧରି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଶି ଉତ୍ପାତ କରିବା ସହ ଏସିଏଫ୍‌ଙ୍କ




କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ସନ୍ତୋଷ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ କୋର୍ଟଚାଲଣ କରିଛି। ଏହାପରେ ନନ୍ଦନକାନନର ସୁରକ୍ଷାକୁ କର୍ତ୍ତୃପକ୍ଷ ବଢାଇ ଦେଇଥିଲେ। ମାସିକ ୫ ଲକ୍ଷ ୩୦ ହଜାରେ ଟଙ୍କା ବିନିମୟରେ ୧୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ୨ ପ୍ରବେଶ ପଥ ଏବଂ ଭିତରେ ମୁତୟନ କରାଯାଇଥିଲା। ଏହାପରେ ପୁଣି ୩୫ ଜଣଓଆଇଏସ୍ଏଫ୍‌ଙ୍କୁ ନିୟୋଜିତ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହାସିମ୍



@ ରମେଶ




@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭୁବନେଶ୍ୱର ମେଟ୍ରୋ ପ୍ୟାକେଜ ବିବିସି-୦୩ ନିର୍ମାଣ ପାଇଁ ବିଡର ଘୋଷଣା

**ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)**

ଭୁବନେଶ୍ୱର ମେଟ୍ରୋ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପର ପ୍ୟାକେଜ ବିବିସି-୦୩ ନିର୍ମାଣ ପାଇଁ ରଞ୍ଜିତ୍ ବିଲ୍ଡକନ ଲିମିଟେଡ (ଆର୍‌ବିଏଲ) ସର୍ବନିମ୍ନ ବିଡର ଭାବରେ ଗୁରୁବାର ଘୋଷିତ ହୋଇଛି। ଏହି ପ୍ୟାକେଜ୍ ତ୍ରିଶୁଳିଆ ଛକରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ୨୦ଟି ଉଚ୍ଚ ଷ୍ଟେଶନ ମାଧ୍ୟମରେ ସଂଯୋଗ କରିବ। ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ନିର୍ମାଣ ହେବାକୁ ଥିବା ମୋଟ ୨୬ କି.ମି ଲାଇନ୍-୧ର ଦକ୍ଷିଣ ପାର୍ଶ୍ୱରେ ପ୍ୟାକେଜ ବିବିସି-୦୩ ଅନ୍ତର୍ଗତ ୭.୧୨୨ କି.ମି. ପ୍ରକଳ୍ପ ଅବସ୍ଥିତ। ଏହା ଅନ୍ତର୍ଗତ କ୍ୟାପିଟାଲ ହସ୍ପିଟାଲ, ବାପୁଜୀ ନଗର, ଭୁବନେଶ୍ୱର ରେଳ ଷ୍ଟେଶନ, ରାମ ମନ୍ଦିର, ବାଣୀବିହାର ଭଳି ମୋଟ ୬ଟି ଉଚ୍ଚ ଷ୍ଟେଶନ ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲକୁ ଆଚାର୍ଯ୍ୟ ବିହାର ଛକ ସହ ସଂଯୋଗ କରିବ। ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍ଆର୍‌ସି) ଏହାର ନିର୍ମାଣ ପାଇଁ ଗତ ମାର୍ଚ୍ଚରେ ଟେଣ୍ଡର ଆହ୍ୱାନ କରିଥିଲା। ଏଥିପାଇଁ ଆନୁମାନିକ ଭାବେ ୬୩୦.୬୫କୋଟି ଟଙ୍କା ଏବଂ ୩୬ ମାସର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏଥିରେ ମୋଟ୍ ୧୨ଜଣ ବିଡର୍ ସାମିଲ ହୋଇଥିବାବେଳେ ଆର୍‌ବିଏଲ୍ ୫୬୧.୨୧ କୋଟି ଟଙ୍କାର ବିଡ୍ ଭରିଥିଲା, ଯାହାକି ଡିଏମ୍ଆର୍‌ସିର ମୂଲ୍ୟଠାରୁ ୧୧.୦୧% କମ୍ ଥିଲା। ସେପ୍ଟେମ୍ବର ଶେଷସୁଦ୍ଧା ପ୍ରୋଜେକ୍ଟର ମୌଳିକ କାର୍ଯ୍ୟ ଆରମ୍ଭ ହେବା ସହ ନଭେମ୍ବର-ଡିସେମ୍ବରରେ ଷ୍ଟେଶନ ନିର୍ମାଣ ଆରମ୍ଭ ହେବା ନେଇ ଯୋଜନା ରହିଛି। ସେହିପରି ବିବିସି-୪ ଏବଂ ବିବିସି-୫ (ଆଚାର୍ଯ୍ୟ ଛକରୁ କିଟ୍ ଓ କିଟ୍ ଛକରୁ ଫୁଲପୋଖରୀ) ପ୍ୟାକେଜ ପାଇଁ ଯାନ୍ତ୍ରିକ ବିଡ୍ ଜୁନ୍ ୧୯ରେ ଖୋଲାଯାଇଥିବାବେଳେ ଏବେ ଏହାର ମୂଲ୍ୟାଙ୍କନ ଚାଲିଛି। ପ୍ୟାକେଜ ବିବିସି-୩ର ନିର୍ମାଣ ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଲିମିଟେଡ୍ (ବିଏମ୍ଆର୍‌ସିଏଲ)ର ଅନ୍ୟାନ୍ୟ ଉପଯୁକ୍ତ ମାଧ୍ୟମ ଦ୍ୱାରା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ୪ ମାସର ଶିଶୁପୁତ୍ର ଉଦ୍ଧାର, ଦମ୍ପତି ଗିରଫ

**ଖୁଣ୍ଟୁଣୀ, ୧।୮ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ମେଡିକାଲ ନିକଟରୁ ୪ ମାସର ଶିଶୁପୁତ୍ରକୁ ଅପହରଣ କରି ନେଇଥିବା ସମ୍ପର୍କୀୟ ମାଉସୀ ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିହଲ ପ୍ରସାଦ ଥାନା ଗୋଡ଼ା ପିଙ୍ଗୁଆ ଗ୍ରାମର ମାନସୀ ପ୍ରଧାନ ଓ ତାଙ୍କ ସ୍ୱାମୀ ମିଥୁନ ନାଏକ। ପୋଲିସ ଶିଶୁପୁତ୍ରଙ୍କୁ ଉଦ୍ଧାର କରି ମା'ଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ବିକାଶ କୁମାର ସେଠୀ କହିଛନ୍ତି। ଖୁଣ୍ଟୁଣୀ ଥାନା ଭୋଗରା ଗ୍ରାମର କାମିନୀ ଦେହୁରୀ ଗତ ମଙ୍ଗଳବାର ନିଜ ବାପଘର ଭାପୁରକୁ ଯାଇଥିଲେ। ସେଠାରେ ତାଙ୍କ ଗ୍ରାମର ସମ୍ପର୍କୀୟ ମାଉସୀଙ୍କ ସହିତ ଦେଖା ହୋଇଥିଲା। ମାଉସୀ କାମିନୀଙ୍କ ଶାଶୁଘର ଦେଖିବାକୁ କହିବାରୁ ଦୁହେଁ ଶିଶୁପୁତ୍ରକୁ ନେଇ ଭୋଗରା ଆସିଥିଲେ। ବୁଧବାର ପୁଅ ଦେହ ଖରାପ ହେବାରୁ କାମିନୀ ଖୁଣ୍ଟୁଣୀ ମେଡିକାଲକୁ ଦେଖାଇବାକୁ ଆଣିଥିଲେ। ମାଉସୀ ମଧ୍ୟ ସାଙ୍ଗରେ ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ କାମିନୀ ତାଙ୍କ ପୁଅକୁ ଉକ୍ତ ମାଉସୀଙ୍କୁ ଧରାଇ ଦେଇ ଔଷଧ କିଣିବାକୁ ଯାଇଥିଲେ। ଏହି ସୁଯୋଗରେ ମାଉସୀ ପୁଅକୁ ନେଇ ବସ୍‌ରେ ଢେଙ୍କାନାଳ ପଳାଇ ଯାଇଥିଲେ। ସେଠାରେ ଅପେକ୍ଷା କରିଥିବା ତାଙ୍କ ସ୍ୱାମୀଙ୍କ ସହ ବାଇକ୍ ଯୋଗେ ନିଜ ଶାଶୁଘରକୁ ଚାଲି ଯାଇଥିଲେ। ଏ ସମ୍ପର୍କରେ କାମିନୀ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଉଭୟ ଦମ୍ପତିଙ୍କୁ ସେଠାରୁ ଗୁରୁବାର ଗିରଫ କରିଛନ୍ତି।



ରାଜ୍ୟ ଭାଜପା କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁବାର ସମ୍ବଲପୁରୀ ଦିବସ ପାଳନ ଅବସରରେ ମହିଳାମାନେ ସମ୍ବଲପୁରୀ ଶାଢ଼ି ପିନ୍ଧି ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ପୋଖରୀରୁ ନାବାଳକଙ୍କ ମୃତଦେହ ମିଳିଲା

ଟାଙ୍ଗୀ,୧।୮ (ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ କୁକୁଡ଼ାଝରି ଗ୍ରାମ ପୋଖରୀରୁ ଗୁରୁବାର ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ସୁରେଶ ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ(୮)। ସୂଚନା ମୁତାବକ, ବୁଧବାର ସୂର୍ଯ୍ୟକାନ୍ତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରି ନ ଥିଲେ। ଗୁରୁବାର ସକାଳେ ଗ୍ରାମର ଏକ ପୋଖରୀରେ ସୂର୍ଯ୍ୟକାନ୍ତଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଉଦ୍ଧାର କରିଥିଲେ। ତେବେ ସୂର୍ଯ୍ୟକାନ୍ତ ଗାଧୋଇବା କିମ୍ବା ଶୌଚ ପାଇଁ ଯାଇଥିବା ବେଳେ ଅସାବଧାନତାରୁ ବୁଡ଼ିଯାଇଥିବା ପୋଲିସ ସନ୍ଦେହ କରୁଛି।

### ବନ୍ଧୁକ ଦେଖାଇ ୧୬ ହଜାର ନେଇଗଲେ

ବେଗୁନିଆ,୧।୮ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଛକଠାରୁ ବେଗୁନିଆ ଯିବା ରାସ୍ତାର ଇଟା କମ୍ପାନୀ ନିକଟରୁ ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ଛାଟୋଇଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧୬ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ଆଧାରରେ ବାଘମାରୀ ଥାନା ପୋଲିସ ତଦନ୍ତ ଚଳାଇଛି। ସନ୍ତୋଷ ବୁଧବାର ସନ୍ଧ୍ୟାରେ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ଏକ ଇଟା କମ୍ପାନୀ ନିକଟରେ କଳାପଲ୍‌ସରରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ୧୬ ହଜାର ଟଙ୍କା ନେଇ ପଳାଇଥିଲେ।

# ଫସଲ ଉଜାଡ଼ିଲା ଦୟା, ରାଜୁଆ ବନ୍ୟାଜଳ

କଣାସ,୧।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରାନଦୀ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ୩. ୯୫ ମିମିରେ ବନ୍ୟାଜଳ ପ୍ରବାହିତ ହେଉଛି। ୨ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥପାଟଣା, କଖାରୁବସ୍ତ, ଶବଳଙ୍ଗ ଗ୍ରାମର ଫସଲ ଜମି ଉପରେ ୫ ଫୁଟରୁ ଅଧିକ ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ଗ୍ରାମବାସୀ ଜମିରେ କରିଥିବା ବାଇଗଣ, ପୋଟଳ, କଲରା ଓ ବିଭିନ୍ନ ଫସଲ ବୁଡ଼ି ଯାଇଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।





ଅଧିକାରୀମାନେ ନଦୀବନ୍ଧ ବୁଲି ଦେଖୁଛନ୍ତି।

## ନଦୀବନ୍ଧ ବୁଲି ଦେଖିଲେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀ

କଣାସ,୧।୮ (ବିଭୂତି ଭୂଷଣ ତ୍ରିପାଠୀ)

ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀମାନେ ଗୁରୁବାର ରାଜୁଆନଦୀର ଡାହଣ ଓ ବାମପାର୍ଶ୍ୱ ନଦୀବନ୍ଧ ଦୟାନଦୀର ଡାହଣ ପାର୍ଶ୍ୱ ନଦୀବନ୍ଧ, ମକରାନଦୀର ଡାହଣ ଓ ବାମପାର୍ଶ୍ୱ ନଦୀବନ୍ଧ ବୁଲି ଦେଖିଛନ୍ତି। ଖୋର୍ଦ୍ଧା ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅନିଲ ପାଢୀ, କନିଷ୍ଠ ଯନ୍ତ୍ରୀ ସନତ ମଲ୍ଲିକ ଓ ଅନ୍ୟ ଅଧିକାରୀ ଉକ୍ତ ନଦୀବନ୍ଧଗୁଡ଼ିକ ବୁଲି ଦେଖିଥିଲେ। ଏଥିସହ ମକରାନଦୀର ଡାହାଣ ପାର୍ଶ୍ୱ ପାଇହିଲୁଣ୍ଡିଠାରେ ଥିବା ସୁଇସ୍‌ଗେଟ୍‌କୁ କେହି ବ୍ୟକ୍ତି ଅଧା ଖୋଲି ଦେଇଥିବାରୁ ବନ୍ୟାଜଳ ଧାନଜମିକୁ ପ୍ରବେଶ କରୁଥିଲା। ସୁଇସ୍‌ଗେଟ୍ ତଳେ କଲିକତି ଦଳ ଜମା ହୋଇଯାଇଥିବାରୁ ଗେଟ୍ ପଡ଼ି ନ ଥିଲା। ଅଧିକାରୀମାନେ ଜେସିବି ଆଣି ଗେଟ୍ ତଳେ ରହିଯାଇଥିବା ଜଳ ସଫା କରି ଗେଟ୍ ପକାଇଥିଲେ। ସମସ୍ତ ବନ୍ଧ ସୁଦୃଢ ଥିବା ଏସ୍‌ଡିଓ ପାଢୀ ପ୍ରକାଶ କରିଛନ୍ତି।

## ଛାତ୍ରାବାସ ପାଇଁ ଜମିର କେସ୍ ରେକର୍ଡ ମାଗିଲେ ଜିଲାପାଳ

ଟାଙ୍ଗୀ,୧।୮ (ରଘୁନାଥ ସାହୁ)

ଭୁବନେଶ୍ୱର ଏମ୍ସ ମେଡିକାଲର ଡାକ୍ତରୀ ଛାତ୍ରମାନଙ୍କ ପ୍ରଶିକ୍ଷଣ ଓ ରହଣି ପାଇଁ ଟାଙ୍ଗୀରେ ଛାତ୍ରାବାସ ନିର୍ମାଣ ନିମନ୍ତେ ଚିହ୍ନଟ ଜମିର କେସ ରେକର୍ଡ ସ୍ଥାନୀୟ ତହସିଲଦାର ପଠାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଏମ୍ସ ମେଡିକାଲର ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ସେମାନଙ୍କର ରହଣି ପାଇଁ ଛାତ୍ରାବାସର ଆବଶ୍ୟକତା ରହିଛି। ଏବେ ସମସ୍ତ ଛାତ୍ରୀଛାତ୍ର ଭଡ଼ାଘର ନେଇ ରହୁଛନ୍ତି। ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରାବାସ ପାଇଁ ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ପ୍ରାୟ ୨ଏକର ଜମିକୁ ଚିହ୍ନଟ କରାଯାଇ ଏମ୍ସ ହସ୍ପିଟାଲ ନାମରେ ଦରଜ କରାଯାଇଛି। ଜମି ରେକର୍ଡଭୁକ୍ତ କରାଯିବା ପାଇଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି। ଗତ ମାସ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୧୬୦୯ରେ ତୁରନ୍ତ ଜମିର ପ୍ରିମିୟମ, ସେସ୍ ହିସାବ କରି ଜଣାଇବା ପାଇଁ ଟାଙ୍ଗୀ ତହସିଲଦାରଙ୍କୁ ଜଣାଇଛନ୍ତି।

## ଶ୍ରୀଜୟଦେବ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବାଲିଅନ୍ତା,୧।୮ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀ ଛାତ୍ରୀଛାତ୍ରଙ୍କୁ କଲେଜରେ ଶୃଙ୍ଖଳା ରକ୍ଷା କରିବା ସହ ପାଠପଢ଼ାରେ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଜ୍ୟୋସ୍ନା ମହାନ୍ତି, ଅମିତା ମହାନାୟକ, ତପସ୍ୱିନୀ ମହାରଣା, ସୋନିତା ରାଣୀ ପାଣି ଓ ଅରୁଣ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପେନ୍ ଦେଇ ସ୍ୱାଗତ କରାଯାଇଥିଲା।



ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜରେ ଗୁରୁବାର ଅନୁଷ୍ଠିତ ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଯୁକ୍ତ ୨ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ର।

# ବିଭିନ୍ନ କ୍ଷେତ୍ରରେ ୩୪ଜଣ ସମ୍ମାନିତ




ଭୁବନେଶ୍ୱର,୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

### ୮ମ ଓ ୯ମ ଶବରୀ ଉତ୍ସବ

ଶବରୀ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସୂଚନା ଭବନରେ ୮ମ ଓ ୯ମ ଶବରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜଷ୍ଟିସ୍ ବିମଳ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଗୁରୁଶ୍ରୀ ନିରଞ୍ଜନ ରାଉତ, ଚିନ୍ତା ଓ ଚେତନାର ମହାସଚିବ ସୁରେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ୨୦୨୩-୨୪ ବର୍ଷ ପାଇଁ ସମ୍ମାନିତ କରାଯାଇଥିଲା। ୨୦୨୩ବର୍ଷ ପାଇଁ ଗୁରୁ ଡ. ପୂର୍ଣ୍ଣଶ୍ରୀ ରାଉତ, ଗୁରୁ ମହାପାତ୍ର ମିନତୀ ଭଞ୍ଜ, ଗୁରୁ ଡ. ଜଗନ୍ନାଥ କୁଅଁର, ଗୁରୁଶ୍ରୀ ଚକ୍ରଧର ଦେବତା, ଗୁରୁଶ୍ରୀ ଭ୍ରମରବର ପରିଡ଼ା, ନ୍ୟାୟାଧୀଶ ବିଚିତ୍ରାନନ୍ଦ ଦାଶ, ରାମପ୍ରସାଦ ଦାଶ, ବୈଦ୍ୟରାଜ ଡ. ଦେବୀପ୍ରସାଦ ରଥ, ପ୍ରଦୀପ କୁମାର ମିଶ୍ର, ନଟବର ଆଚାର୍ଯ୍ୟ, ପ୍ରଦୋଷ ପଟ୍ଟନାୟକ, ଗୋପୀନାଥ ନାୟକ, ଡ. ଦିଲୀପ କୁମାର ଆଚାର୍ଯ୍ୟ, ଡ. କେଦାରନାଥ ନାୟକ, ଗୁରୁଶ୍ରୀ ଅଶୋକ କୁମାର ଘୋଷାଲ୍, ବନ୍ଦିତା ଘୋଷାଲ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪ ପାଇଁ ଗୁରୁଶ୍ରୀ ବ୍ରଜକିଶୋର ମଲ୍ଲିକ, ଗୁରୁଶ୍ରୀ ନିମାକାନ୍ତ ରାଉତରାୟ, ଗୁରୁଶ୍ରୀ ନରେନ୍ଦ୍ର କୁମାର ନାୟକ, ଗୁରୁଶ୍ରୀ ବିବସ୍ୱ ସ୍ୱାଇଁ, ସୌଦାମିନୀ ମହାପାତ୍ର, ଗୁରୁଶ୍ରୀ ଲୋକନାଥ ମହାନ୍ତି, ନ୍ୟାୟାଧୀଶ ଜଗଜ୍ଜୀବନ ପାତ୍ର, ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ବୈଦ୍ୟରାଜ ଡ. ବିଷ୍ଣୁଚରଣ ମହାନ୍ତି, ପ୍ରସନ୍ନ ମିଶ୍ର, ପ୍ରଫେସର ଡ. ରମେଶ ଚନ୍ଦ୍ର ପରିଡ଼ା, ସନ୍ଦୀପ ସାହୁ, ରିତୁପର୍ଣ୍ଣା ମହାନ୍ତି, ମଧୁମଙ୍ଗଳ ମହାରଣା, ଗୌରଚନ୍ଦ୍ର ପରିଡ଼ା, ମୋତିଲାଲ୍ ନନ୍ଦ, ଗୁରୁଶ୍ରୀ ସରୋଜ କୁମାର ଦେହୁରୀ, ଅନ୍ୱେଷା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅପରାହ୍ନରେ ସମ୍ମାନିତ ଆଲୋଚକ ସୁରେନ୍ଦ୍ର ଦାଶ, ନାରାୟଣ ମହାପାତ୍ର ଓ ଗୁରୁ ଡ. ଜଗନ୍ନାଥ କୁଅଁରଙ୍କର ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗୁରୁଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଲୋକକଳା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗୁରୁ ମମତା ଦାଶ ଏବଂ ସମ୍ମାନିତ ଗୁରୁମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପରିବେଷିତ ହୋଇଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ଦାସକାଠିଆ ଓ କଣ୍ଢେଇ ନାଚ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଉପସଭାପତି ମାନସ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସମ୍ପାଦିକା ସଂଘମିତ୍ରା ପରିଡ଼ା ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଯାଁଳା,୧।୮ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଦନପୁର ଗ୍ରାମର ଶ୍ରୀତମ କାଣ୍ଡି ଓ ତମାଣ୍ଡୋ ଥାନା ରେତଙ୍ଗ ଗ୍ରାମର ସୁଦର୍ଶନ ପରିଡା। ଚିକିତ୍ସା ପାଇଁ ଏମାନଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୮ଟାରେ ସୁଦର୍ଶନ ବାଇକରେ ରେତଙ୍ଗ ଯାଉଥିଲେ। ବିପରୀତ ପଟୁ ଶ୍ରୀତମ ବାଇକ୍‌ରେ ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ମୁହଁମୁହିଁ ଧକ୍କା ହୋଇଥିଲା।



ସୁରକ୍ଷା ଦୃଷ୍ଟିରୁ ପିଏମ୍‌ଜି ଅଫିସ୍‌ର ପଛପାର୍ଶ୍ୱ ଲେନ୍‌ରେ ଥିବା ଗଛଗୁଡ଼ିକୁ କାଟି ଦିଆଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)

## ଲକ୍ଷାଧିକ ଟଙ୍କାର ସୁନାଗହଣା, ଟଙ୍କା ଚୋରି

### ସାଇଣ୍ଟିଫିକ ଟିମ୍ ଓ ପୋଲିସର ତଦନ୍ତ ଜାରି



ପୋଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

ଖୋର୍ଦ୍ଧା,୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ଦିନରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି, ରାତିରେ ଘରେ ପଶି ଲୁଟ୍‌ପାଟ କରୁଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ପୁରୁସାହିର ଦୁଇ ଜଣଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ନେଇଯାଇଛନ୍ତି। ଖବରପାଇ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଜଗନ୍ନାଥ ମନ୍ଦିର ନିକଟ ମିନତିବାଳା ବେହେରା ଓ ସୌମ୍ୟରଞ୍ଜନ ନାୟକଙ୍କ ଘରୁ ଚୋରି ହୋଇଛି। ମିନତିବାଳାଙ୍କ ପରିବାର ଘର ଉପର ମହଲାରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଝରକା ତାଡି ଘରେ ପଶି ଆଲମିରା ଭାଙ୍ଗି ୮୫ଗ୍ରାମ ସୁନା ଅଳଙ୍କାର, ୨୨ଗ୍ରାମ ରୁପା ଅଳଙ୍କାର ଓ ୧୧ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ସୌମ୍ୟରଞ୍ଜନଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ପଶି ଗୋଟିଏ ସୁନାଚେନ, କାନଫୁଲ, ପାଉଁଜି ୨ହଳ ଏବଂ ୮,୫୦୦ ଟଙ୍କା ଲୁଟିନେଇଛନ୍ତି।

## ମିକ୍ସର ମେଶିନରେ ଚାପି ହୋଇ ଶ୍ରମିକ ମୃତ

ବଳଙ୍ଗା,୧।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଗୋଡିମାଳଠାରେ ମିକ୍ସର ମେଶିନରେ ଚାପି ହୋଇ ଚିକିତ୍ସାଧୀନ ଥିବା ଜଣେ ଶ୍ରମିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ବଳଙ୍ଗା ଥାନା ଗୋପୀନାଥପୁର ଗ୍ରାମର ଜଗା ସେଠୀ (୪୦)। ସୂଚନା ମୁତାବକ, ଜଗା ବୁଧବାର ଗ୍ରାମର ଜଣେ ରାଜମିସ୍ତ୍ରୀ ସହ ଗୋଡିମାଳ ଗ୍ରାମକୁ ଛାତ ପକାଇବାକୁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ଜଗାଙ୍କ ଅଣ୍ଟାରେ ଭିଡ଼ାଥିବା ଗାମୁଛାଟି ମେଶିନରେ ଲାଗିଯାଇଥିଲା। ଫଳରେ ସେ ମେଶିନ ଭିତରେ ଚାପି ହୋଇ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ମେଡିକାଲ ପରିସରସ୍ଥ ପୋଲିସ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜଗା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଘରେ ତାଙ୍କର ସ୍ତ୍ରୀ ଓ ପୁଅ ଅଛନ୍ତି। ଜିଲାପାଳ ଏଥିପ୍ରତି ସାହାଯ୍ୟ ସହଯୋଗ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଷ୍ଣୁପ୍ରସାଦଙ୍କୁ ଝୁରୁଛି ଜନ୍ମମାଟି

### ୱାୟନାଡ୍‌ରେ ଓଡ଼ିଆ ଡାକ୍ତରଙ୍କ ମୃତ୍ୟୁ ଘଟଣା

- ଜନ୍ମଦିନ ପୂର୍ବରାତିରେ ଘଟିଥିଲା ଭୂସ୍ଖଳନ
- ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ

ଗୋପ,୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

କେରଳର ୱାୟନାଡ୍ ଭୂସ୍ଖଳନରେ ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତ୍ୟୁକୁ ନେଇ ତାଙ୍କ ଜନ୍ମମାଟି ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ପରାଳ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁକୁ ସହଜରେ କେହି ବିଶ୍ୱାସ କରିପାରୁନାହାନ୍ତି। ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ତାଙ୍କର ବୃଦ୍ଧ ଜେଜେବାପା ଗୋବିନ୍ଦ ଚିନାରା, ଜେଜେମା ସଖିମଣୀ, ବାପା ପ୍ରମୋଦ ଚିନାରା, ଦାଦା ପ୍ରସନ୍ନ ଚିନାରାଙ୍କ ସହିତ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀ ତାଙ୍କୁ ଝୁରୁଛନ୍ତି। ସୂଚନାଯୋଗ୍ୟ, ବିଷ୍ଣୁପ୍ରସାଦ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ଥିବାବେଳେ ମେଡିସିନରେ ପିଜି କରୁଥିଲେ। ଜୁଲାଇ ୨୭ରେ ତାଙ୍କର ଜନ୍ମଦିନ ଥିଲା। ତେଣୁ ତାଙ୍କର ସାଙ୍ଗ ଡାକ୍ତର ସ୍ୱାଧୀନ ପଣ୍ଡାଙ୍କ ସହିତ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ବିଷ୍ଣୁପ୍ରସାଦ (୩୦), ସ୍ତ୍ରୀ ପୂଜା ଓରଫ ପ୍ରିୟଦର୍ଶିନୀ ପାଲ (୨୬), ଡା. ସ୍ୱାଧୀନ ପଣ୍ଡା (୨୯) ଓ ତାଙ୍କ ବାନ୍ଧବୀଙ୍କ ସହିତ ୨୬ ତାରିଖରେ କେରଳର ୱାୟନାଡ୍ ବୁଲିବାକୁ ଯାଇଥିଲେ। ଘରୁ ଯିବାବେଳେ ବାପା ପ୍ରମୋଦ ପୁଅ ବୋହୂଙ୍କୁ ବୁଲାବୁଲି କରିବା ସମୟରେ ସତର୍କ ରହିବା ଲାଗି ପରାମର୍ଶ ଦେଇଥିଲେ। କିନ୍ତୁ ବିଧିର ବିଧାନ କେ କରିବ ଆନ। ସମସ୍ତେ ୱାୟନାଡରେ ପହଞ୍ଚି ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିଥିଲେ। ଜନ୍ମଦିନ ପାଳନ ପୂର୍ବରୁ ଅର୍ଥାତ୍ ୨୬ ତାରିଖ ରାତିରେ ହଠାତ୍ ଭୂସ୍ଖଳନ ଘଟିଥିଲା। ଏଥିରେ ବିଷ୍ଣୁପ୍ରସାଦଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରିୟଦର୍ଶିନୀ କୌଣସିମତେ ବଞ୍ଚିଯାଇଥିବା ସୂଚନା ମିଳିଛି। ସେହିପରି ସ୍ୱାଧୀନ ଏପର୍ଯ୍ୟନ୍ତ ନିଖୋଜ ଥିବାବେଳେ ତାଙ୍କର ବାନ୍ଧବୀ ବଞ୍ଚିଥିବା ଜଣାପଡ଼ିଛି। ଏପରି ଦୁଃଖଦ ଖବର ବିଷ୍ଣୁପ୍ରସାଦଙ୍କ ଗାଁରେ ପହଞ୍ଚିବା ପରେ ସମସ୍ତଙ୍କ ଆଖିରୁ ଲୁହ ଝରୁଛି। ବିଷ୍ଣୁପ୍ରସାଦଙ୍କ ବାପା ପ୍ରମୋଦ କୋହଭରା କଣ୍ଠରେ କାନ୍ଦି କାନ୍ଦି ସବୁ କଥା କହିଥିବାବେଳେ ସହଯୋଗ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଶୁକ୍ରବାର ମୃତଦେହ ପହଞ୍ଚିବ ବୋଲି ସୂଚନା ମିଳିଥିବା ସେ ପ୍ରକାଶ କରିଛନ୍ତି।



ଡାକ୍ତର ବିଷ୍ଣୁପ୍ରସାଦ ଚିନାରା ଓ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ୍‌ଙ୍କ ଫାଇଲ ଫଟୋ।

# ଦୟା, ରାଜୁଆ ମଧ୍ୟବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରାନଦୀ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ୩. ୯୫ ମିମିରେ ବନ୍ୟାଜଳ ପ୍ରବାହିତ ହେଉଛି। ୨ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥପାଟଣା, କଖାରୁବସ୍ତ, ଶବଳଙ୍ଗ ଗ୍ରାମର ଫସଲ ଜମି ଉପରେ ୫ ଫୁଟ୍‌ରୁ ଅଧିକ ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ଗ୍ରାମବାସୀ ଜମିରେ କରିଥିବା ବାଇଗଣ, ପୋଟଳ, କଲରା, ଲଙ୍କା, ଜହ୍ନି, ପୋଇଖାଡ଼ି ଓ ବିଭିନ୍ନ ଫସଲ ବୁଡ଼ି ଯାଇଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



ଚାଷଜମିରେ ବନ୍ୟାଜଳ ମାଡିଯାଇଛି ।



ଜଳସେଚନ ବିଭାଗର ଅଧିକାରୀମାନେ ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ନଦୀବନ୍ଧ ବୁଲି ଦେଖିଲେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀ

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ)**

ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀମାନେ ଗୁରୁବାର ରାଜୁଆନଦୀର ଡାହାଣ ଓ ବାମପାର୍ଶ୍ୱ ନଦୀବନ୍ଧ ଦୟାନଦୀର ଡାହଣ ପାର୍ଶ୍ୱ ନଦୀବନ୍ଧ, ମକରାନଦୀର ଡାହାଣ ଓ ବାମପାର୍ଶ୍ୱ ନଦୀବନ୍ଧ ବୁଲି ଦେଖିଛନ୍ତି। ଖୋର୍ଦ୍ଧା ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅନିଲ ପାଢୀ, କନିଷ୍ଠ ଯନ୍ତ୍ରୀ ସନତ ମଲ୍ଲିକ ଓ ଅନ୍ୟ ଅଧିକାରୀ ଉକ୍ତ ନଦୀବନ୍ଧଗୁଡ଼ିକ ବୁଲି ଦେଖିଥିଲେ। ଏଥିସହ ମକରାନଦୀର ଡାହାଣ ପାର୍ଶ୍ୱ ପାଇହିଲୁଣ୍ଡିଠାରେ ଥିବା ସ୍ଲୁଇସ୍‌ଗେଟ୍‌କୁ କେହି ବ୍ୟକ୍ତି ଅଧା ଖୋଲି ଦେଇଥିବାରୁ ବନ୍ୟାଜଳ ଧାନଜମିକୁ ପ୍ରବେଶ କରୁଥିଲା। ସ୍ଲୁଇସ୍‌ଗେଟ୍ ତଳେ କଲିକତି ଦଳ ଜମା ହୋଇଯାଇଥିବାରୁ ଗେଟ୍ ପଡ଼ି ନ ଥିଲା। ଅଧିକାରୀମାନେ ଜେସିବି ଆଣି ଗେଟ୍ ତଳେ ରହିଯାଇଥିବା ଦଳ ସଫା କରି ଗେଟ୍ ପକାଇଥିଲେ। ସମସ୍ତ ବନ୍ଧ ସୁଦୃଢ ଥିବା ଏସ୍‌ଡିଓ ପାଢୀ ପ୍ରକାଶ କରିଛନ୍ତି।

## ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉ

**ପିପିଲି,୧।୮(ପ୍ରଭାତ କୁମାର ମହାପାତ୍ର)**

ନିର୍ବାଚନ ପରେ ପ୍ରଥମ କରି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନିର୍ବାଚନରେ ଜଣେ ବିଜୟ ଲାଭ କଲେ ଆଉ ଜଣେ ପରାଜୟ ହୁଅନ୍ତି, ଏ ହେଉଛି ଏକ ପ୍ରକ୍ରିୟା। କିନ୍ତୁ ନିର୍ବାଚନ ଫଳାଫଳ ପରେ ପିପିଲି ଅଞ୍ଚଳର ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି ନ ହେଉ ଏବଂ ସାଧାରଣ ଲୋକଙ୍କ ବିଶ୍ୱାସ ନେଇ ପିପିଲିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ। ତେବେ ଗୁରୁବାର ମହାରଥୀ ପିପିଲି ଏନ୍‌ଏସି କାର୍ଯ୍ୟାଳୟ ଗସ୍ତ କରି ଅଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମରେ ଯେଭଳି ଅଗ୍ରସର ହେବ ସେନେଇ ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା ଓ କାଉନସିଲରଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ପିପିଲି ନୂତନ ବିଧାୟକ ଓ ଏମ୍‌ପି ଜନସାଧାରଣଙ୍କ ମଧ୍ୟରେ ଦଳୀୟ ମନୋଭାବ ନ ରଖି ପିପିଲି ବିକାଶ ଦିଗରେ କାମ କରନ୍ତୁ ବୋଲି ସେ କହିଛନ୍ତି। ମହାରଥୀଙ୍କ ପରାମର୍ଶ ଗ୍ରହଣ କରିବା ସହିତ ପୂର୍ବ ସରକାର ଭଳି ବର୍ତ୍ତମାନର ସରକାର ପିପିଲି ଏନ୍‌ଏସିକୁ ସହଯୋଗ କରିବେ ବୋଲି ଏନ୍‌ଏସି ଅଧ୍ୟକ୍ଷ ବାବୁ ଆଶା ରଖିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ପିପିଲି,୧।୮(ଦୁର୍ଗାମାଧବ ମିଶ୍ର)**

ପିପିଲି ବ୍ଲକ ଅଧୀନ ଭାଲିଆବିଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଟି. ବସୁନ୍ଧରା ଦେବୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଆୟୋଜିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ସଭାରେ ମଣ୍ଡଳ ଶିକ୍ଷାଧୀଶ ରବୀନ୍ଦ୍ର ନନ୍ଦ ଓ ଆଞ୍ଚଳିକ ସାଧନ କର୍ମୀ ସମ୍ପୂର୍ଣ୍ଣ ସ୍ୱାଇଁ ଯୋଗଦେଇଥିଲେ। ଅତିଥିମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନେତା ଜୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସବିତା ମାର୍ଥା, ମିନତି ସ୍ୱାଇଁ ଏବଂ ଅଳକା ପ୍ରଧାନଙ୍କ ସମେତ କ୍ଲଷ୍ଟର ଶିକ୍ଷକ ସଦାଶିବ ଖଟାଇ, କେଦାର ଚରଣ ସ୍ୱାଇଁ, ନରେନ୍ଦ୍ର ସେନାପତି, ଦୁଷ୍ମନ୍ତ ବଳିଆରସିଂ, ସତ୍ୟବାଦୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବୀନଦୀ ବନ୍ଧ ପରିଦର୍ଶନ କଲେ ତହସିଲଦାର



ତହସିଲଦାର ଦେବୀନଦୀବନ୍ଧ ବୁଲି ଦେଖୁଛନ୍ତି ।

**ଅସ୍ତରଙ୍ଗ,୧।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଚଳିତବର୍ଷର ପ୍ରଥମ ବନ୍ୟାଜଳ ଦେବୀନଦୀରେ ପ୍ରବାହିତ ହେଉଛି। ଫଳରେ ମଙ୍ଗଳବାର ସନ୍ଧ୍ୟାରୁ ଦେବୀନଦୀ ଫୁଲିବା ଆରମ୍ଭ କରିଛି। ଦେବୀ ଦୀ ଏବେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। କାକଟପୁର ବାଉରିଆକଣ ନିକଟରେ ବିପଦ ସଙ୍କେତ ୪. ୯୩ ଥିବାବେଳେ ଗୁରୁବାର ଅପରାହ୍ଣରେ ଏହା ୩. ୫୦ରେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ତେଣୁ ବନ୍ୟା ବିଭୀଷିକାର ଭୟ ନ ଥିଲେ ହେଁ ଜଳସ୍ତର ବୃଦ୍ଧି ହେଲେ ଆଗକୁ ସ୍ଥିତି ବିଗିଡ଼ିବା ଆଶଙ୍କା ରହିଛି। ଗୁରୁବାର ମଧ୍ୟାହ୍ନରେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଓ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ସମସ୍ତ ନଦୀବନ୍ଧର ସମ୍ଭାବ୍ୟ ଦୁର୍ବଳ ସ୍ଥାନ ବୁଲି ଦେଖିଛନ୍ତି। ଅସ୍ତରଙ୍ଗ ଅଞ୍ଚଳ ଷାଠିଏବାଟି, ଓସିଆଁ, ଅସନ, ପାଟସୁନ୍ଦରପୁର, ଅନନ୍ତା, ତଣ୍ଡାହାର, ନଗର, ତାଳଦା ସହ ବିଭିନ୍ନ ତଳିଆ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।। ବର୍ଷା ପରିମାଣ ବୃଦ୍ଧି ହୋଇ ଜଳସ୍ତର ବୃଦ୍ଧି ପାଇଲେ ଦେବୀନଦୀର ଜଳସ୍ତର ଆଶଙ୍କା ସୃଷ୍ଟି କରିବ।




ପୁରୀ ସହରର ବିସ୍ଥାପିତ ହୋଇଥିବା ଉଠାଦୋକାନୀମାନେ ଥଇଥାନ ପାଇଁ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । (ଫଟୋ–ଯଜ୍ଞେଶ୍ୱର ମହାନ୍ତି )

## ବଳଙ୍ଗା ମହାବିଦ୍ୟାଳୟରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ

**ବଳଙ୍ଗା,୧।୮(କେଦାରେଶ୍ୱର ନନ୍ଦ)**

ସ୍ଥାନୀୟ ଲଙ୍ଗା ମହାବିଦ୍ୟାଳୟରେ ନୂତନ ରୂପେ ପଞ୍ଜୀକୃତ ଯୁକ୍ତ୨(ପ୍ରଥମ ବର୍ଷ) ଏବଂ ଯୁକ୍ତ ୩ (ପ୍ରଥମ ବର୍ଷ)ର ଛାତ୍ରୀଛାତ୍ରଙ୍କୁ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସ୍ୱାଗତ ଜ୍ଞାପନ କରାଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ଅର୍ଥନୀତି ବିଭାଗୀୟ ମୁଖ୍ୟ ହରମୋହନ ମହାନ୍ତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ କେତକ କୈଶଳ ତଥା ନିୟମ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥି ରୂପେ ଗଣିତ ବିଭାଗର ମୁଖ୍ୟ ବସନ୍ତ ଦାଶ ବିଜ୍ଞାନ ଅଧ୍ୟୟନରତ ଗୁରୁତ୍ୱ, ଭବିଷ୍ୟତ ଓ ଏଥିପାଇଁ ଆବଶ୍ୟକ ଉଦ୍ୟମ ସମ୍ପର୍କରେ ଧାରଣା ଦେଇଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ରୂପେ ଇଂଲିଶ ବିଭାଗୀୟ ମୁଖ୍ୟ ପ୍ରମୋଦ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଆଚରଣ, ଚାଲିଚଳଣି, ପ୍ରଗାଢ ଅଧ୍ୟବସାୟ ଉପରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ବିନୟ ମିଶ୍ର ସଂଶ୍ଳିଷ୍ଟ ପାଠ୍ୟକ୍ରମ, ଏହାର ଆବଶ୍ୟକତା ଗୁରୁତ୍ୱ ଏହାର ବହୁମୁଖି ଦିଗ ଉପରେ ଆଲୋକପାତ କରାଇଥିଲେ। କେତେଜଣ ଅଭିଭାବକଙ୍କ ସମେତ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ସମୟ ସାରଣୀ ପ୍ରଦାନ କରାଯାଇଥିଲା। ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ ପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ବେଆଇନ ଭାବେ କଫ ସିରଫ୍ ବିକ୍ରି ଅଭିଯୋଗରେ ୨ ଗିରଫ

**ପୁରୀ,୧।୮(ଅଜିତ୍ କୁମାର ମହାନ୍ତି)**

ପୁରୀ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭ ମହାବୀର ମନ୍ଦିର ନିକଟରେ ବେଆଇନ ଭାବେ କଫସିରଫ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ପିଏଚ୍‌ଡି କଲୋନୀର କୁନୁ ଓରଫ ଆଲୋକ କୁମାର ସେଠୀ (୩୩)। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୨୫ଟି ଏସ୍‌କଫ ସିରଫ ବୋତଲ, ୩୯୦ ଟଙ୍କା ଜବତ କରିଛି। ପୋଲିସ ଏକ କେସ୍ (ନଂ.୨୮୫/୨୪) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅଭିଯୁକ୍ତ ଏକ ଜରି ବ୍ୟାଗରେ ବେଆଇନ ଏସକଫ ସିରଫ କାରବାର କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସ କଫସିରଫ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ପୁରୀ ଓଁକାରେଶ୍ୱର ମନ୍ଦିର ନିକଟରେ ବେଆଇନ କଫସିରଫ ବିକ୍ରି କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଲୋକନାଥ ରୋଡ ଷଣ୍ଢଯାଗା ଅଞ୍ଚଳର ବୁଲୁ ଓରଫ ଧନଞ୍ଜୟ ବସ୍ତିଆ (୩୬)। ତାଙ୍କ ନିକଟରୁ ୪୦ଟି ସିରଫ ବୋତଲ, ୧୦ଟି ଷ୍ଟ୍ରିପ ନିଶା ଔଷଧ ନାଇଟ୍ରୋଜେନ ବଟିକା ଜବତ କରାଯାଇଛି। ବୁଧବାର ଅଭିଯୁକ୍ତ ବେଆଇନ ଏସକଫ ସିରଫ କାରବାର କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ୧୪୯/୨୪ରେ ଏକ ମାମଲା ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## 'ଆମ ଅସ୍ମିତା, ଆମ ଅସ୍ତିତ୍ୱ' ଶୀର୍ଷକ ଆଲୋଚନାଚକ୍ର

**ନିମାପଡ଼ା,୧।୮(ବିଚିତ୍ରାନନ୍ଦ ସାହୁ)**

ଓଡ଼ିଆ ଅସ୍ମିତା ଅଭିଯାନ ପକ୍ଷରୁ 'ଆମ ଅସ୍ମିତା, ଆମ ଅସ୍ତିତ୍ୱ' ଶୀର୍ଷକ ଆଲୋଚନାଚକ୍ର ନିମାପଡ଼ାସ୍ଥିତ ଆୟୁଷ ଏକାଡେମୀଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଆ, ଭାଷା, ସଂସ୍କୃତିର ଗବେଷକ ଡ. ସୁବ୍ରତ ପୃଷ୍ଟି, ଜଙ୍ଗଲ, ଜମି ଅଭିଯାନ ଓ ନଦୀ ସୁରକ୍ଷା ସମିତିର ଆବାହକ ସଚ୍ଚିକାନ୍ତ ପ୍ରଧାନ, ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଶରତ ପ୍ରଧାନ, ଶିକ୍ଷାବିତ୍ ନିରଦବରଣ ଖୁଣ୍ଟିଆ, ପ୍ରତାପ ସାବୁତ, ଓଡ଼ିଆ ଭାଷା, ସଂସ୍କୃତି ଗବେଷକ ସଞ୍ଜୟ ବରାଳ, ନୟାସବେରା ୟୁଥ୍ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ, ଭାଷା, ସାହିତ୍ୟ, ଆମ ଐତିହ୍ୟ, ପରମ୍ପରା, ସଂସ୍କୃତି, ସଭ୍ୟତାକୁ ଉଜ୍ଜୀବିତ କରି ରଖିବା, ଆମ ଭାଷା, ଆମ ଅସ୍ମିତାକୁ ସମୃଦ୍ଧ କରି ଗଢି ତୋଳିବା ଦିଗରେ ପ୍ରତ୍ୟକ ଓଡ଼ିଆ ବ୍ୟକ୍ତି ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥି ମତପ୍ରକାଶ କରିଥିଲେ। ଆଗାମୀ ଭବିଷ୍ୟତରେ ଆମ ଅସ୍ମିତାର ରୂପରେଖ କ'ଣ, କିପରି ହେବା ଆବଶ୍ୟକ ସେନେଇ ଅତିଥି ମତ ରଖିଥିଲେ। ଆଲୋଚନାଚକ୍ରରେ ବହୁ ଶିକ୍ଷାବିତ୍ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପକ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ଟ୍ରଷ୍ଟର କର୍ମକର୍ତ୍ତା, ସଦସ୍ୟମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

## ବିଦ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ)**

ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ମୁଖ୍ୟ କିରାଣି ପ୍ରଫୁଲ୍ଲ ଚନ୍ଦ୍ର ସୁପକାରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କଣାସ ସାନ ମଠ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ, ସମ୍ମାନିତ ଅତିଥି ରୂପେ ମଣ୍ଡଳ ଶିକ୍ଷାଧିକାରୀ ସୂର୍ଯ୍ୟ ନାରାୟଣ ନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜା, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜା, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡ଼ଜେନା, ପୁରୀ ଜିଲା ଓଷ୍ଟା ସଭାପତି ବିଜୟ ବରାଳ, ପବିତ୍ର ମୋହନ ଦାସ, ନବକିଶୋର ପ୍ରଧାନ, କଣାସ ବ୍ଲକ ଓଷ୍ଟା ସଭାପତି କରୁଣାକର ମହାପାତ୍ର, ସମ୍ପାଦକ ନିରଞ୍ଜନ ସାହୁ, ମାନସରଞ୍ଜନ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ସୁପକାରଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବର୍ଣ୍ଣନା କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

**ନିମାପଡ଼ା,୧।୮(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ବିଦ୍ୟୁତ୍ ଖଣ୍ଡ କାର୍ଯ୍ୟାଳୟ ଅଧୀନରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ଦିନବେଳା ଯାହା ଯେମିତି ଚଳିଯାଉଛି, ରାତି ସମୟରର ବିଦ୍ୟୁତ୍ କାଟ ଯୋଗୁ ସରୀସୃପଙ୍କ ଭୟରେ ଘରୁ ବାହାରି ହେଉନି। ରାତି ହେଉକି ଦିନ ପ୍ରତି ୧୫ରୁ ୨୦ ମିନିଟ୍ ଅନ୍ତରରେ ବିଦ୍ୟୁତ୍ ଘଣ୍ଟା ଘଣ୍ଟା ଧରି କାଟି ଦିଆଯାଉଛି। ଫଳରେ ଜନସାଧାରଣ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତି ୬ରୁ ୭ଦିନ ଅନ୍ତରରେ ମରାମତି ବାହାନାରେ ଅନାବଶ୍ୟକ ଭାବେ ୫ରୁ ୬ ଘଣ୍ଟା ଜନସାଧାରଣ ସରବରାହ ବନ୍ଦ କରି ଦିଆଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ରହୁଥିବା ଥିଲାବାଲା ଇନଭଟର କିଣିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଅସହାୟ ଗରିବ ପରିବାର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜନସାଧାରଣଙ୍କ ବିରୋଧ ଯୋଗୁ କିଛିବର୍ଷ ଧରି ସମସ୍ୟା ନ ଥିଲା। ହେଲେ ଟାଟା ପାୱାର ଏହାକୁ ହାତକୁ ନେବା ଦିନଠାରୁ ଏହି ସମସ୍ୟା ଉତ୍କଟ ହେଉଛି। ଟାଟା ପାୱାର ନିମାପଡ଼ା ବିଦ୍ୟୁତ୍‌ଖଣ୍ଡ କାର୍ଯ୍ୟାଳୟ ଅଧୀନରୁ ବିପୁଳ ରାଜସ୍ୱ ଆଦାୟ କରୁଛି, କିନ୍ତୁ ସେହି ଅନୁପାତରେ ସେବା ଯୋଗାଇବାରେ ବିଫଳ ହୋଇଛି। ଘରୋଇ ଇନଭଟର କମ୍ପାନୀଙ୍କୁ ଫାଇଦା ଦେବାକୁ ଟାଟା ପାୱାର କର୍ତ୍ତୃପକ୍ଷ ଜାଣିଶୁଣି ବିଦ୍ୟୁତ୍ କାଟ କରୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। କଣ ପାଇଁ ଏଭଳି ବିଦ୍ୟୁତ୍ କାଟ କରାଯାଉଛି ବୋଲି ନିମାପଡ଼ା ବିଦ୍ୟୁତ୍ ଖଣ୍ଡ ପରିଚାଳକ ବିଶ୍ୱ ରଞ୍ଜନ ବେହେରାଙ୍କୁ ପଚାରିବାରୁ, ଘରୋଇ କମ୍ପାନୀ ସୁହାଇବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି। ତାରରେ ଗଛ ଡାଳ ଲାଗିଯାଉଥିବାରୁ ବିଦ୍ୟୁତ୍ ସରାବରହ ବନ୍ଦ ହୋଇଯାଉଛି। ସ୍ଥାନ ଚିହ୍ନଟ କରି ବିଦ୍ୟୁତ୍ ସଂଯୋଗ କରିବା ସମୟ ସାପେକ୍ଷ ବୋଲି ସେ କହିଛନ୍ତି। ବିଦ୍ୟୁତ୍ କାଟକୁ ବିରୋଧ କରି ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରମ୍ବାର ନିମାପଡ଼ା ବିଦ୍ୟୁତ୍ ଖଣ୍ଡ ଓ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅଘୋଷିତ ବିଦ୍ୟୁତ୍ କାଟ ଭଳି ସମସ୍ୟାରୁ ମୁକ୍ତି ଦେବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ପାଖରେ ଦାବି କରିଛନ୍ତି।

## ଫାଟୁଆ ରୋଗ ସଚେତନତା ପାଇଁ ପଥପ୍ରାନ୍ତ ନାଟକ

**ଅସ୍ତରଙ୍ଗ,୧।୮(ମମତା ଜେନା)**

ହିନ୍ଦୁଧର୍ମରେ ଗାଇକୁ ଗୋମାତା ରୂପେ ପୂଜା କରାଯାଏ। ତେବେ ତାଙ୍କ ସୁରକ୍ଷା ପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିଥାଏ। ଗାଇମାନଙ୍କ ଏକ ସଂକ୍ରମିତ ରୋଗ ଯାହାକୁ ଫାଟୁଆ ରୋଗ କୁହାଯାଏ, ବିଶେଷ କରି ଏହା ବର୍ଷା ଋତୁ ସମୟରେ ଦୃଶ୍ୟମାନ ହୁଏ। ଅନେକ ସମୟରେ ଏହି ରୋଗ ପାଇଁ ଅନେକ ଗାଇ ମୃତ୍ୟୁମୁଖରେ ମଧ୍ୟ ପଡ଼ନ୍ତି। ଏଥିପାଇଁ ଆମ ଭିତରେ ଏକ ସଚେତନତାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ମେଳଣ ପଡ଼ିଆ ନିକଟରେ ଏକ ପଥପ୍ରାନ୍ତ ନାଟକ ଗୁରୁବାର ପରିବେଷିତ ହୋଇଯାଇଛି। ଏହି ନାଟକ ମାଧ୍ୟମରେ ପଶୁ ପାଳକଙ୍କ ମଧ୍ୟରେ ରୋଗର କାରଣ ଓ ନିରାକାରଣ ଉପରେ ଏକ ସଚେତନତା ବାର୍ତ୍ତା ସୃଷ୍ଟି କରାଯାଇଛି। ଫାଟୁଆ ଟିକା ନେଇ କିପରି ଏହି ରୋଗ ପାଇଁ ଗାଇ ଗୋରୁ ସୁସ୍ଥ ରହିବେ, ଆବଶ୍ୟକ ସ୍ଥଳେ ୧୯୬୯/୧୫୫୩୩୩ ଟୋଲ ଫ୍ରି ନମ୍ବରରେ ପ୍ରାଣୀଧନ ଅନୁଷ୍ଠାନକୁ ଦେୟମୁକ୍ତ ଭାବେ ଯୋଗାଯୋଗ କରିବେ, ସେଥିପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପ୍ରାଣୀ ସମ୍ପଦ ବିଭାଗ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶୁଭଶ୍ରୀ ପ୍ରଧାନ, ଅତିରିକ୍ତ ଚିକିତ୍ସା ଅଧିକାରୀ ରାଜେଶ ମହାପାତ୍ର ଓ କର୍ମଚାରୀ ସୁମନ ଜେନା ଉପସ୍ଥିତ ରହି ସମସ୍ତଙ୍କୁ ସଚେତନ କରାଇବା ସହ ଏହି ଋତୁରେ ଗାଇ ଗୋରୁଙ୍କୁ କିପରି ସୁରକ୍ଷିତ ରଖିବେ, ସେଥିପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।



ପଥପ୍ରାନ୍ତ ନାଟକ ପରିବେଷଣ କରାଯାଉଛି ।

## ମା' କ୍ଷୀରରୁ ଶିଶୁ ବଞ୍ଚିତ ହେଲେ କୁପୋଷଣର ଶିକାର ହୁଏ

### ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

**ପୁରୀ, ୧।୮(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀ, ଡାକ୍ତର, ନର୍ସ ଅଫିସର, ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ, ସହରାଞ୍ଚଳର ଆଶାକର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଥିଲେ, ମା' କ୍ଷୀରର କୌଣସି ବିକଳ୍ପ ନାହିଁ। ତେଣୁ ପ୍ରତ୍ୟେକ ଶିଶୁ ଜନ୍ମଠାରୁ ୬ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଖାଇବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଶିଶୁ ବିଭାଗର ମୁଖ୍ୟ ଡାକ୍ତର ଆରତି ବେହେରା କହିଥିଲେ, ଶିଶୁଟିଏ ମା' କ୍ଷୀରରୁ ବଞ୍ଚିତ ରହିଲେ ବିଭିନ୍ନ ପ୍ରକାର କୁପୋଷଣର ଶିକାର ହୋଇଥାଏ। ତେଣୁ ପ୍ରତ୍ୟେକ ଶିଶୁକୁ ମା' କ୍ଷୀର ଦିଆଯିବା ଦରକାର। ନଚେତ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ସହିତ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହେ। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ପିଲାଟିଏ ମା' କ୍ଷୀର ଖାଇବା ପରେ ତାର ପିଠିକୁ କିପରି ଥାପୁଡ଼ାଇବା ଦରକାର ସେ ବିଷୟରେ ମଧ୍ୟ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ କହିଥିଲେ, ମା' କ୍ଷୀର ଶିଶୁ ପାଇଁ ଏକ ପ୍ରାକୃତିକ ଟୀକା ସଦୃଶ। ମା' କ୍ଷୀର ଦ୍ୱାରା ଶିଶୁର ମାନସିକ ବିକାଶ କିପରି ଭଲଭାବେ ହୋଇଥାଏ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମା'ର କଷକ୍ଷୀର ଶିଶୁ ପାଇଁ କିପରି ବହୁତ ଉପଯୋଗୀ ହୋଇଥାଏ ସେ ନେଇ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ କହିଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ) ଡାକ୍ତର ବିନୋଦ ବିହାରୀ ରଥ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ମା' କ୍ଷୀରର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ଲଳାଟେନ୍ଦୁ ମିଶ୍ର, ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପ୍ରବନ୍ଧକ ଟି. ନାରାୟଣ ରାଓ, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ଆଶା ମ୍ୟାନେଜର ଅଶୋକ କୁମାର ସାହୁ ଏବଂ ସହପରିଚାଳକ (ତାଲିମ) ମନୋଜ ପଣ୍ଡା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ଯୁବତୀଙ୍କୁ ଅଶ୍ଳୀଳ ଭିଡିଓ, ମେସେଜ୍ ପଠାଇବା ମହଙ୍ଗା ପଡ଼ିଲା

**ବେଙ୍ଗାଲୁରୁରୁ ଯୁବକ ଗିରଫ**

ସାଲେପୁର,୧।୮(ଅରବିନ୍ଦ ଭୂୟାଁ)

ଯୁବତୀଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ଭିଡିଓ ଓ ମେସେଜ୍ ପଠାଇବା ଅଭିଯୋଗରେ ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଜପକୁଦ ଥାନା ଅଞ୍ଚଳର ଜତୀନ୍ଦ୍ର ମହାନ୍ତି ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିଭିନ୍ନ ସମୟରେ ହଇରାଣ କରିବା ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିଲେ। ଏଥିସହ ଏକତରଫା ପ୍ରେମ ନିବେଦନ କରିଥିଲେ। ଏଥିରେ ବିଫଳ ହେବାରୁ ସେ ଅନେକ ସମୟରେ ସମ୍ପୃକ୍ତ ଯୁବତୀଙ୍କୁ ଅଶ୍ଳୀଳ ଭିଡିଓ ଓ ମେସେଜ ପଠାଉଥିଲେ। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏହାକୁ ଗ୍ରହଣ କରି ଥାନାରେ ମାମଲା (ନଂ. ୨୪୫/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହାପରେ ଜତୀନ୍ଦ୍ର ବେଙ୍ଗାଲୁରୁକୁ ଫେରାର ହୋଇଯାଇଥିଲେ। ସାଲେପୁର ପୋଲିସ ମୋବାଇଲ୍ ଟ୍ରାକିଂ କରି ଜତୀନ୍ଦ୍ରଙ୍କୁ ସେଠାରୁ ଧରିବାକୁ ସକ୍ଷମ ହୋଇଛି।

### ଅର୍ଥ ଉତ୍ସର୍ଗୀକୃତ ସପ୍ତାହ

ଟିଗିରିଆ, ୧।୮(ଜାଫର ଖାଁ)

ଟିଗିରିଆବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା ପଙ୍କାଲସ୍ଥିତ କୁଦରତ ନଗର ମସଜିଦରେ ଅର୍ଥ ଉତ୍ସର୍ଗୀକୃତ ସପ୍ତାହର ପ୍ରଥମ ଦିବସ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୌଲାନା ସେକ୍ ସମସୁଲ ପବିତ୍ର କୋରାନ ଶ୍ଳୋକ ପାଠ କରିଥିଲେ। ମଜିଦ ଖାଁ ଉର୍ଦ୍ଦୁ କବିତା ଏବଂ ସଇବୁର ରେହେମାନ ଓଡ଼ିଆ କବିତା ପାଠ କରିଥିଲେ। ଅର୍ଥଉତ୍ସର୍ଗୀକୃତ ସପ୍ତାହ ଉପରେ ମୌଲାନା ସେକ ଇମ୍ରାନ, ମୌଲାନା ଏହେସନ ଖାଁ ଓ ଅବସରପ୍ରାପ୍ତ ଶିକ୍ଷକ ସାହାବାଜ ଖାଁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

### ବିଲୁଆ କାମୁଡ଼ାରେ ଦିଅର, ଭାଉଜ ଗୁରୁତର

ନିଶ୍ଚିନ୍ତକୋଇଲି,୧।୮(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଦିଅର ଓ ଭାଉଜଙ୍କୁ ଏକ ବିଲୁଆ ଆକ୍ରମଣ କରିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଜିମ୍ପିପୁର ମହାପାତ୍ର ସାହିର ଆଦିକନ୍ଦ ମହାପାତ୍ରଙ୍କ ସ୍ତ୍ରୀ କ୍ଷୀରଲତା ମହାପାତ୍ର (୭୦) ଓ ଦିଅର ମାଧବାନନ୍ଦ ମହାପାତ୍ର (୬୮)। କ୍ଷୀରଲତା ଘର ବାରଣ୍ଡାରେ ବସି ମଧ୍ୟାହ୍ନଭୋଜନ ଖାଉଥିଲେ। ଏହି ସମୟରେ ଏକ ବିଲୁଆ ହଠାତ୍ ତାଙ୍କ ନିକଟକୁ ଚାଲିଆସି ତାଙ୍କ ହାତ ଓ ଗୋଡକୁ କାମୁଡି ଦେଇଥିଲା। କ୍ଷୀରଲତାଙ୍କ ଚିତ୍କାର ଶୁଣି ଦିଅର ମାଧବାନନ୍ଦ ଘଟଣାସ୍ଥଳକୁ ଦୌଡି ଆସିବାରୁ ତାଙ୍କୁ ମଧ୍ୟ ବିଲୁଆ ଆକ୍ରମଣ କରିବାକୁ ପଛାଇ ନ ଥିଲା। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଦିଅର ଭାଉଜଙ୍କୁ ଉଦ୍ଧାର କରିଥିଲେ।

# ଘୋଷଣା ହୋଇପାରୁନି ନୂତନ ରାଜସ୍ୱ ଗ୍ରାମ

ନିଶ୍ଚିନ୍ତକୋଇଲି,୧।୮(ଅଶୋକ କୁମାର ମହାପାତ୍ର)

- ରେକର୍ଡ ସଂଶୋଧନରେ ବାଧା
- କିଣାବିକା ହୋଇପାରୁନି ଜମିବାଡ଼ି

ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ୩ଟି ନୂତନ ରାଜସ୍ୱ ଗ୍ରାମର ନାମ ଘୋଷଣା ହୋଇପାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ରେକର୍ଡ ସଂଶୋଧନ ଯଥା ମ୍ୟୁଟେଶନ,ପାଟିସନ ତଥା ଜମିବାଡି ସଂକ୍ରାନ୍ତୀୟ କୌଣସି ସଂଶୋଧନ ହୋଇପାରୁନାହିଁ।

ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ବାଲିଆପଦା ରାଜସ୍ୱ ଗ୍ରାମ ରହିଛି। ଏହା ଦକ୍ଷିଣପାରି ଓ ଉତ୍ତରପାରି ପଡାଗ୍ରାମ ଭାବେ ରହିଥିଲା। ତେବେ ବାଲିଆପଦାର ଦକ୍ଷିଣପାରି ଗ୍ରାମକୁ ବିଭାଜନ କରାଯାଇ ନୂତନ ରାଜସ୍ୱ ଗ୍ରାମ ଉର୍ଜଙ୍ଗ ଗଠନ କରାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା। ଏଥିନିମନ୍ତେ ଏହି ମୌଜାର ସର୍ଭେ କାର୍ଯ୍ୟ, ନକ୍ସା ଓ ରେକର୍ଡ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏହାପରେ ଉକ୍ତ ମୌଜାର ଭୂସମ୍ପତ୍ତି କ୍ରୟ ବିକ୍ରୟ, ଦଲିଲପତ୍ର ଇତ୍ୟାଦି ରେଜିଷ୍ଟ୍ରେଶନ କାର୍ଯ୍ୟ ବନ୍ଦ ରହିବ ବୋଲି ନିଶ୍ଚିନ୍ତକୋଇଲିର ତତ୍କାଳୀନ ତହସିଲଦାର ଦିଲୀପ କୁମାର ନାୟକ ୨୦।୧୨।୨୦୨୨ରେ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଥିଲେ। ଅପରପକ୍ଷରେ କଟକ ଜିଲାପାଳ ତାଙ୍କ ଚିଠି ନଂ.୧୩୬ /୩।୧୨।୨୦୨୨ରିଖରେ ଏହା ଅନୁମୋଦନ ହୋଇଥିବା ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ନକ୍ସା ପ୍ରସ୍ତୁତ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ତହସିଲଦାର ତାଙ୍କ ଚିଠି ନଂ.୩୦୧୪/୨୫।୯।୨୦୨୩ରେ ଉପ ନିର୍ଦ୍ଦେଶକ ସର୍ଭେ ଓ ମ୍ୟାପ ପବ୍ଲିକେଶନ ଓଡ଼ିଶା ଜୋବ୍ରା କଟକଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ତେବେ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏପରିକି ସ୍ଥାନୀୟ ଅଞ୍ଚଳର ଜମି ପଟ୍ଟା ମଧ୍ୟ ଅନ୍‌ଲାଇନରେ ପରିବର୍ତ୍ତନ ହୋଇସାରିଛି। କିନ୍ତୁ ପ୍ରଶାସନିକସ୍ତରରେ ଏପର୍ଯ୍ୟନ୍ତ ନୂତନ ରାଜସ୍ୱ ଗ୍ରାମ ଘୋଷଣା କରାଯାଇ ନ ଥିବାରୁ ଲୋକେ ନୂତନ ଜମି ପଟ୍ଟା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ସ୍ଥାନୀୟ ଲୋକେ ଜରୁରିକାଳୀନ ପରିସ୍ଥିତିରେ ସେମାନଙ୍କ ଜମିବାଡି କ୍ରୟ ବିକ୍ରୟ କରିପାରୁ ନ ଥିବା କହିଛନ୍ତି। ସେହିପରି ଏହି ତହସିଲ ଅଧୀନରେ ଥିବା କଟିକଟା ପଞ୍ଚାୟତର ଆଏଣ୍ଡା ଗ୍ରାମକୁ ବିଭାଜନ କରାଯାଇ ବ୍ରଜରାଜପାଟଣା ଓ ପାଟସୁରା ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଥିଲେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକ କୁହନ୍ତି, ଏସବୁ ରାଜସ୍ୱ ଗ୍ରାମ ବୋର୍ଡ ଅଫ ରେଭିନ୍ୟୁରେ ଅନୁମୋଦନ ହୋଇ ନ ଥିବା କାରଣରୁ ଲୋକଙ୍କୁ ନୂତନ ଜମିପଟ୍ଟା ଦିଆଯାଇ ପାରୁନାହିଁ।

# ପ୍ରସନ୍ନ ପୁରୁଷୋତ୍ତମଦେବ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅନ୍ୟ ଶିକ୍ଷକମାନେ।

ଟିଗିରିଆ, ୧।୮(ଜାଫର ଖାଁ)

ଟିଗିରିଆ ବ୍ଲକ ସଦର ମହକୁମାସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟଟି ୧୯୮୧ରେ ଟିଗିରିଆର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନମଣି ନାମରେ ଆରମ୍ଭ ହୋଇଥିଲା। ଏନେଇ ତାଙ୍କ ନାମ ନେଇ ପ୍ରାର୍ଥନା ସହ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ଓ ଭବିଷ୍ୟତପନ୍ଥା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ମହାରଣା, ବନୋଜ ଦାସ, ଡ. ପତିତପାବନ ପଣ୍ଡା, ଇନ୍ଦିରା ସାମନ୍ତରାୟ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ‘ବଜ୍ରପାତରୁ ରକ୍ଷା ପାଇଁ ତାଳ ଚାରା ରୋପଣ କର’




ବଜ୍ରପାତରୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ବାଙ୍କୀ,୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

**ବଜ୍ରପାତରୁ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ**

ଡମପଡ଼ା ପଞ୍ଚାୟତ ସମିତି ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ସାମନ୍ତରାପୁରଠାରେ ବଜ୍ରପାତରୁ କିପରି ସୁରକ୍ଷା ମିଳିପାରିବ ସେ ସମ୍ପର୍କରେ ସଚେତନତା ଓ ସତର୍କତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଦର୍ଶ ଯୁବପରିଷଦ ଅନୁଷ୍ଠାନ ତରଫରୁ ଆୟୋଜିତ ଏହି କାର୍ଯ୍ୟକମକୁ ଆବାହକ ଅକ୍ଷୟ କୁମାର ସାମଲ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବଜ୍ରପାତରେ ବହୁ ଧନଜୀବନ ନଷ୍ଟ ହେଉଛି। ଏଥିରୁ ରକ୍ଷା ପାଇବାପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏଥିସହ ବ୍ୟାପକ ତାଳଗଛ ଚାରାରୋପଣ କଲେ ବଜ୍ରପାତରୁ ମୁକ୍ତି ମିଳିପାରିବ ବୋଲି ପ୍ରାଧ୍ୟାପକ ମହାପାତ୍ର ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ପବିତ୍ର ମୋହନ ଷଡଙ୍ଗୀ ସଭାପତିତ୍ୱ କରି ବଜ୍ରପାତ ରକ୍ଷା ନିମନ୍ତେର ବହୁମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। କବି ଲଲାଟେନ୍ଦୁ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥିପରିଚୟ ପ୍ରଦାନ କରିଥିଲେ। ରୋଜାଲିନ ମିଶ୍ର ଓ ସୌମ୍ୟରଞ୍ଜନ ସାହୁ ଯୋଗଦେଇ ବଜ୍ରପାତ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମଙ୍ଗୁଳି ଚରଣ ସାହୁ ଓ ରଶ୍ମିରଞ୍ଜନ ସାହୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଉଁରୁଟି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧।୮(ସୂର୍ଯ୍ୟକାନ୍ତ ବେହେରା)

ବଡଗଡ ଥାନା ଅଞ୍ଚଳରେ ଥିବା ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ପାଉଁରୁଟି ଛାଣୁଥିବାବେଳେ କୌଣସି କାରଣରୁ ନିଆଁ ଲାଗି ଯିବାରୁ ପାଖରେ ଥିବା କିଛି ସାମଗ୍ରୀ ଜଳିଯାଇଛି। ତେବେ ନିଆଁର ପ୍ରକୋପ ସହ ପ୍ରବଳ ଧୂଆଁ ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ନୂତନ ଛାତ୍ରୀଛାତ୍ରମାନଙ୍କ ପ୍ରବେଶ ଉତ୍ସବ

ବାଙ୍କୀ/ଟିଗିରିଆ/ସାଲେପୁର ୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଜାଫର ଖାଁ/ଅରବିନ୍ଦ ଭୂୟାଁ)

ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ନାମଲେଖାଇଥିବା ଯୁକ୍ତ ୨ ଛାତ୍ରୀଛାତ୍ରମାନଙ୍କର ପ୍ରବେଶ ଉତ୍ସବ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ସମୀର କୁମାର ମହାପାତ୍ରଙ୍କ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଡ. ଶଶିଭୂଷଣ ମହାପାତ୍ର, ଡ. ପ୍ରଦୀପ ଦେବତା, ମେଜର୍ ଡ. ସନ୍ଧ୍ୟାରାଣୀ ମହାନ୍ତି, ଅଧ୍ୟାପକ ସୁକାନ୍ତ ମହାପାତ୍ର, ଅଧ୍ୟାପିକା ସୁଦୀପ୍ତା ପରିଡା ପ୍ରମୁଖ ଯୋଗଦେଇ ନୂତନ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ପ୍ରସନ୍ନପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ନୂତନଭାବେ ନାମ ଲେଖାଇଥିବା ଯୁକ୍ତ ୨ ଓ ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା କୁଙ୍କୁମିତା ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଂଗୀତା ମିଶ୍ର ପିଲାମାନଙ୍କୁ ଚକୋଲେଟ୍ ବଣ୍ଟନ କରିବା ସହ ସେମାନଙ୍କୁ ନିୟମିତ ଉପସ୍ଥାନ ରହିବାକୁ ପରାମର୍ଶ ଦେଇଥିଲେ।



ସେଲ୍‌ଟର ଛକସ୍ଥିତ ଆବାସିକ କାର୍ଯ୍ୟାଳୟରେ ବିଧାୟିକା ସୋଫିଆ ଫିର୍ଦୋସଙ୍କୁ ଗୁରୁବାର ପେନ୍‌ସନର ମହାସଂଘର କର୍ମକର୍ତ୍ତାମାନେ ଭେଟୁଛନ୍ତି। **(ଫଟୋ– ରାଜକିଶୋର ମହାନ୍ତି)**

# ବନ୍ଦ ହୋଇଗଲା ୪୭ ବର୍ଷର ଶିଶୁଯତ୍ନ ଅନୁଷ୍ଠାନ



ବାଙ୍କୀ,୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ଡମପଡ଼ା ବ୍ଲକ ହରିହର ଭେଟଠାରେ ଥିବା ୪୭ବର୍ଷର ପୁରୁଣା ଅନୁଷ୍ଠାନ ଶିଶୁଯତ୍ନ କେନ୍ଦ୍ର ବନ୍ଦ ହୋଇଯାଇଛି। ଏହି ଅନୁଷ୍ଠାନରେ କାର୍ଯ୍ୟରତ ଥିବା କର୍ମଚାରୀମାନେ ନିଜର ଜୀବିକା ହରାଇଛନ୍ତି। ସେଠାରେ ଥିବା ୩୭ଜଣ ଅନାଥ ପିଲାଙ୍କୁ କଟକର ଉତ୍କଳ ବାଳାଶ୍ରମ ଓ ଶୋଭନୀୟ ଶିକ୍ଷାଶ୍ରମକୁ ସ୍ଥାନାନ୍ତର କରାଯାଇଛି । ଅନାଥ ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ଅନ୍ୟତ୍ର ସ୍ଥାନାନ୍ତର ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଶ୍ରମର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବୀ ଜୋର୍ ଧରିଛି। ଫଳରେ ଅନୁଷ୍ଠାନର ପରିଚାଳକ ଶ୍ରୀରାମ ପତି, ସୁରେଶ ଚନ୍ଦ୍ର ଦାଶ, ଶିଶୁ ମଙ୍ଗଳ ଅଧିକାରୀ ଗାୟତ୍ରୀ ମହାପାତ୍ର, ହାଉ ସୁଶାନ୍ତ କୁମାର ମଲ୍ଲିକ, ଦେବଶ୍ରୀ ପଣ୍ଡା, ହାଉସ ମଦର କୁସୁମ ବାରିକ, ରୋଷେୟା ତୁଷାର ରଞ୍ଜନ ପିରୋଇ ଏବଂ ଡି.ଓ ବିନୋଦିନୀ ମହାନ୍ତି ପ୍ରମୁଖ ନିଜର ଜୀବିକା ହରାଇଛନ୍ତି।

# ଚାରାରୋପଣ, ସଚେତନତା କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବାଙ୍କୀ,୧।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ଆଦର୍ଶ ଯୁବପରିଷଦ, ପ୍ରକୃତିବନ୍ଧୁ ସଙ୍ଗଠନ ପକ୍ଷରୁ ଚକାପଦା, ହରିରାଜପୁର, ଶିମିଳିପୁର, ରାମଚନ୍ଦ୍ରପୁର ଆଦି ଗ୍ରାମରେ ଜନସାଧାରଣଙ୍କୁ ଚାରାରୋପଣ ସମ୍ପର୍କରେ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କୁମାର ଅମୀୟ, ବଳରାମ ପାଇକରାୟ, ସୁନୀତା ମହାପାତ୍ର, ବିଦ୍ୟୁଲତା ଭୂୟାଁ, ଅମୀୟବାଳା ପଟ୍ଟନାୟକ, ବଂଶୀଧର ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଡା. ଜଗଦୀଶ ପଣ୍ଡା, ଶଶିଭୂଷଣ ତ୍ରିପାଠୀ, ମୁକ୍ତିପ୍ରଭା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ପରିବେଶ ସମ୍ପର୍କରେ ସେମାନେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ପରିଚାଳନା କରିଥିଲେ।

# ଠିକ୍ ସମୟରେ ବିଦ୍ୟାଳୟକୁ ଆସୁନାହାନ୍ତି ଶିକ୍ଷକ

ମାହାଙ୍ଗା,୧।୮(ଯଯାତି ସିଂହ)

ସରକାର ଶିକ୍ଷାର ଉନ୍ନତି ନିମନ୍ତେ ବହୁ କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ଉନ୍ନତି କରିବା ସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛନ୍ତି । ମାତ୍ର ବିଦ୍ୟାଳୟକୁ ଶିକ୍ଷକମାନେ ସମୟ ଅନୁସାରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ମାହାଙ୍ଗା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏହି ଘଟଣା ଦେଖିବାକୁ ମିଳିଛି।

ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ନାୟକ ୧୦ଟା୫୦ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସି ନ ଥିଲେ। କେବଳ ସହକାରୀ ଶିକ୍ଷକ ନଗେନ କୁମାର ମିଶ୍ର ବିଦ୍ୟାଳୟରେ ଉପସ୍ଥିତ ଥିଲେ। ସେହିପରି ଏହି ବିଦ୍ୟାଳୟ ଅନ୍ୟ ଶିକ୍ଷକ ଓ ସହ କର୍ମଚାରୀମାନେ ୧୦ଟା ୩୦ ପର୍ଯ୍ୟନ୍ତ ଆସି ନ ଥିଲେ। ତେଣୁ ବିଦ୍ୟାଳୟରେ କିପରି ଭାବେ ପାଠପଢା ହେଉଥିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। କେବେଳ ସେତିକି ନୁହେଁ ଠିକ୍ ଭାବେ ମଧ୍ୟାହ୍ନଭୋଜନ ଦିଆଯାଉଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ସରକାରଙ୍କ ନିୟମ ଅନୁଯାୟୀ ସକାଳ ୧୦ଟାରେ ବିଦ୍ୟାଳୟ ଖୋଲାଯାଇ ଅପରାହ୍ନ ୪ଟାରେ ବନ୍ଦ ହୋଇଥାଏ। ମାତ୍ର ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସରକାରଙ୍କ ନିୟମ ମାନୁ ନ ଥିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ ସିଆରସିସି କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ ପ୍ରଧାନଶିକ୍ଷକ ନାୟକ ଛୁଟି ନେଇ ନ ଥିବା କହିଥିଲେ। ଯେଉଁ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରିଥିବେ ଜିଲା ଶିକ୍ଷା ଅଧିକାରୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ ରାଉତଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଶିକ୍ଷକ ବା କର୍ମଚାରୀ କାର୍ଯ୍ୟରେ ଅବହେଳା କରିଥିବେ ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।




# ଦାମୋଦରପୁର ଗ୍ରାମ ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲି,୧।୮(ଅଶୋକ କୁମାର ମହାପାତ୍ର)

ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ଗମନା ଗମନ ସୁବିଧା କରାଯାଇଛି ବୋଲି ଲୋକ ପ୍ରତିନିଧିମାନେ କହୁଛନ୍ତି। କିନ୍ତୁ ବର୍ଷାଦିନେ ଗ୍ରାମାଞ୍ଚଳ ରାସ୍ତା ବିପଦ ସଙ୍କୁଳ ହୋଇପଡିଛି। କେଉଁଠି ରାସ୍ତା ଭାଙ୍ଗି ଯାଇଛି ତ କେଉଁଠାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ରାସ୍ତାରେ ପାଣି ଜମି ରହୁଛି। ଏଭଳି ଏକ ନଜିର ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଞ୍ଚାୟତ ଦାମୋଦରପୁର ଗାଁରେ। ଏହି ଗାଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କାରଣରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଦାମୋଦରପୁର ଗାଁରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଏହି ଗାଁକୁ ଗୋଟିଏ ଭଲ ରାସ୍ତା ନିର୍ମାଣ କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଗାଁ ରାସ୍ତାରେ ପାଣି ଲହଡି ଖେଳୁଛି। ଏପରିକି ବର୍ଷାପାଣି ନିଷ୍କାସନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାସ୍ତାରେ ପାଣି ଜମିବା କାରଣରୁ ସ୍ଥାନୀୟ ଲୋକେ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଅଙ୍ଗନୱାଡିର ଶିଶୁମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ପାଣି କାଦୁଅରେ ସର ସର ହେଉଥିବା କାରଣରୁ ଜରୁରିକାଳୀନ ପରିସ୍ଥିତିରେ ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଆସି ପାରୁନାହିଁ। ଫଳରେ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଯିବାରେ ହଇରାଣ ହେଉଛନ୍ତି। ସେହିପରି ଜଳ ନିଷ୍କାସନ ନ ହେବା କାରଣରୁ ଗ୍ରାମରେ ଦିନକୁଦିନ ସଂକ୍ରାମକ ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଗାଁକୁ ଗୋଟିଏ ଭଲ ରାସ୍ତା ନିର୍ମାଣ କରାଯିବା ଲାଗି ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନାହାନ୍ତି। ତୁରନ୍ତ ଏହି ଗ୍ରାମ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରେ ରାସ୍ତାର ଦୁରବସ୍ଥା ସମ୍ପର୍କରେ ଆମ ପାଖରେ କୌଣସି ସୂଚନା ନାହିଁ। ପଞ୍ଚାୟତ ସ୍ତରରେ ରାସ୍ତା ଉନ୍ନତୀକରଣ ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିବା ପରେ ବ୍ୟୟ ବରାଦ କରାଯିବ ବୋଲି ସେ କହିଛନ୍ତି।



ଦାମୋଦରପୁର ଗ୍ରାମ ରାସ୍ତାରେ ପାଣି ଚାଲୁଛି।

## ସଂକ୍ଷେପରେ

### ଝାମ୍ପିନେଲେ ରୁପା ଅଳଙ୍କାର ବ୍ୟାଗ୍

**ଟାଙ୍ଗୀ,୧।୮(ରଘୁନାଥ ସାହୁ):** ଟାଙ୍ଗୀ ଥାନା ଅଧୀନ ମାଟିଆପଡ଼ା ଗ୍ରାମରେ ଜଣେ ଫେରି ବେପାରୀଙ୍କଠାରୁ ରୁପା ଅଳଙ୍କାର ଥିବା ବ୍ୟାଗ ଝାମ୍ପିନେଇ ୩ଜଣ ଦୁର୍ବୃତ୍ତ ଫେରାର ହୋଇ ଯାଇଛନ୍ତି। ଲୁଟର ଶିକାର ହୋଇଥିବା ବେପାରୀ ହେଲେ ଟାଙ୍ଗୀ ଗୌଡ଼ସାହିର ରାଜକିଶୋର ନାୟକ। ଉକ୍ତ ବ୍ୟାଗରେ ଅଢ଼େଇ କେଜିର ରୁପା ଅଳଙ୍କାର, ୧୫ କେଜି ସିଲ୍‌ଭର ପ୍ଲେଟ, ୭କେଜି ଷ୍ଟିଲ ପିଠା ଖଡିକା, ଡଙ୍କି ଏବଂ କଣ୍ଟାପାଲ ବଟକରା ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସୂଚନା ମୁତାବକ, ରାଜକିଶୋର ଏକ ଲୁନାରେ ବୁଲି ସିଲ୍‌ଭର, ରସ ବାସନ ସାମଗ୍ରୀ ସହିତ ରୁପା ଅଳଙ୍କାର ବେପାର କରନ୍ତି। ପ୍ରତିଦିନ ଭଳି ଗୁରୁବାର ମଧ ସେ ବେପାର କରିବାକୁ ଯାଇଥିଲେ। କାଲୁପଡ଼ାଘାଟ ହାଇସ୍କୁଲଛକ ସ୍ଥିତ ଏକ ଦୋକାନରୁ ଜଳଖିଆ ଖାଇବା ପରେ ଜରିପଡ଼ା ପଞ୍ଚାୟତ ଅନ୍ତର୍ଗତ ମାଟିଆପଡା ଗ୍ରାମରେ ପହଞ୍ଚି ବେପାର କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ରାଜକିଶୋର ଧରିଥିବା ରୁପା ଅଳଙ୍କାର ଥିବା ବ୍ୟାଗଟିକୁ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପୌରାଞ୍ଚଳସ୍ଥିତ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସ୍ନେହଲତା ହୋତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସିଆର୍‌ସିସି ରବିନାରାୟଣ ପଣ୍ଡା, କାଉନ୍‌ସିଲର କମଳ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯୁଧିଷ୍ଠିର ସାହୁ, ରବୀନ୍ଦ୍ର ପ୍ରଧାନ, ରେବତୀ ପଣ୍ଡା, ଅଭିରାମ ପଣ୍ଡା, ସୁଜାତା ମିଶ୍ର, କୁମୁଦିନୀ ବେହେରା, କୁସୁମ ପ୍ରଧାନ, ନମିତାରାଣୀ ରାୟସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଶିକ୍ଷୟିତ୍ରୀ ପାଇଲେ ଅବସରକାଳୀନ ପେନ୍‌ସନ

**ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ବ୍ଲକ ଅଧୀନରେ କାର୍ଯ୍ୟରତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁକୁନ୍ଦପ୍ରସାଦର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ସରକାରୀ ପ୍ରାଥମିକ ବିଦ୍ୟାଳୟ ବାରଘରପାଟଣାର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପାଇକରାୟ ଅବସର ଗ୍ରହଣ କରିଛନ୍ତି। ବୁଧବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଉଭୟଙ୍କୁ ବିଇଓ ସନ୍ଧ୍ୟାରାଣୀ ରାଉତ ପେନ୍‌ସନ୍ ପ୍ରଦାନ କରିଛନ୍ତି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା, ପ୍ରଦୀପ ସାହୁ, ପବିତ୍ର ପାଣି, ସାଧନ ସଂଯୋଜକ ଯୁଧିଷ୍ଠିର ସାହୁ, ହୃଦାନନ୍ଦ ସାହୁ, ସୋନାଲି ନାୟକ, ସୁରଭି ପାଣିଗ୍ରାହୀ, ପବିତ୍ର ଦଳାଇ, ଲୋପାମୁଦ୍ରା ପଣ୍ଡା, ବିଭୁଦତ୍ତ ପଟ୍ଟନାୟକ, ନୀଳାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୟା, ରାଜୁଆ ମଧ୍ୟବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରାନଦୀ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ୩. ୯୫ ମିମିରେ ବନ୍ୟାଜଳ ପ୍ରବାହିତ ହେଉଛି। ୨ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥପାଟଣା, କଖାରୁବସ୍ତ, ଶବଳଙ୍ଗ ଗ୍ରାମର ଫସଲ ଜମିଉପରେ ୫ ଫୁଟ୍‌ରୁ ଅଧିକ ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ଗ୍ରାମବାସୀ ଜମିରେ କରିଥିବା ବାଇଗଣ, ପୋଟଳ, କଲରା ଓ ବିଭିନ୍ନ ଫସଲ ବୁଡ଼ି ଯାଇଥିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



# ମାମୁ, ସମ୍ପର୍କୀୟ ଭାଇଙ୍କୁ ଆକ୍ରମଣ

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ):**

**ବିବାଦ ସମାଧାନ କରିବାକୁ ଯାଇଥିଲେ**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଦା ଥାନା ଅଧୀନ ବନ୍ଧମୁଣ୍ଡା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଜଣେ ଯୁବକଙ୍କ ଆକ୍ରମଣରେ ମାମୁଁ ଓ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବନ୍ଧମୁଣ୍ଡା ଗ୍ରାମର ମାଗା ସୁନ୍ଦରାୟଙ୍କ ତିନି ପୁଅ ଦିଲୀପ, ପଦ୍ମ, ପ୍ରତାପଙ୍କ ମଧ୍ୟରେ ଜାଗାବାଡ଼ି ବଣ୍ଟନକୁ ନେଇ ବିବାଦ ଲାଗିରହିଛି। ମାଗା ଓ ଦୁଇପୁଅ ଦିଲୀପ, ପଦ୍ମ ଗୋଟିଏ ପଟେ ଥିବାବେଳେ ସାନପୁଅ ପ୍ରତାପ ଓ ତାଙ୍କ ମାଆ ଆଉ ଗୋଟିଏ ପଟେ ରହିଥିଲେ। ମାଗା ଗାଁରେ ନ ରହି ମକରା ନଦୀ କୂଳରେ ଏକ କୁଡ଼ିଆ କରି ରହୁଥିଲେ। ଗୁରୁବାର ତିନିଭାଇ ଦିଲୀପ, ପଦ୍ମ ଓ ପ୍ରତାପ ମକରା ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପ୍ରତାପଙ୍କ ସହିତ ଦୁଇଭାଇ ଓ ବାପାଙ୍କର ପାଟିତୁଣ୍ଡ ହୋଇଥିଲା। ପ୍ରତାପ ତାଙ୍କ ମାମୁଁ ସୁନାଖଳା ଗ୍ରାମର ଶାନ୍ତନୁ ବଳିୟାରସିଂହଙ୍କୁ ଡାକିଥିଲେ। ଶାନ୍ତନୁ ତାଙ୍କ ପୁତୁରା ରଘୁନାଥଙ୍କ ସହିତ ନଦୀକୂଳରେ ପହଞ୍ଚିଲାବେଳକୁ ଭଣଜା ପ୍ରତାପ, ଦିଲୀପ, ପଦ୍ମ ଓ ଭିଣୋଇ ମାଗାଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ଦେଖିଥିଲେ। ସେ ପାଟିତୁଣ୍ଡ ଲାଗିବାକୁ ମନା କରିବାରୁ ସେମାନଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ହଠାତ୍ ଦିଲୀପ ଉତ୍ତ୍ୟକ୍ତ ହୋଇ ମାମୁଁ ଶାନ୍ତନୁ, ସମ୍ପର୍କୀୟ ଭାଇ ରଘୁନାଥଙ୍କୁ ଆକ୍ରମଣ କରିଥିଲେ ବୋଲି ଶାନ୍ତନୁଙ୍କ ସ୍ତ୍ରୀ ଦମୟନ୍ତୀ ବଳିୟାରସିଂହ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ-୧୫୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି। ଉଭୟ ଗୁରୁତର ଆହତ ଦ୍ୱୟଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ନଦୀବନ୍ଧ ବୁଲି ଦେଖିଲେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀ



ଅଧିକାରୀମାନେ ନଦୀବନ୍ଧ ବୁଲି ଦେଖୁଛନ୍ତି।

**କଣାସ,୧।୮(ବିଭୂତି ଭୂଷଣ ତ୍ରିପାଠୀ)**

ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକାରୀମାନେ ଗୁରୁବାର ରାଜୁଆନଦୀର ଡାହଣ ଓ ବାମପାର୍ଶ୍ୱ ନଦୀବନ୍ଧ ଦୟାନଦୀର ଡାହଣ ପାର୍ଶ୍ୱ ନଦୀବନ୍ଧ, ମକରାନଦୀର ଡାହଣ ଓ ବାମପାର୍ଶ୍ୱ ନଦୀବନ୍ଧ ବୁଲି ଦେଖିଛନ୍ତି। ଖୋର୍ଦ୍ଧା ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅନିଲ ପାଢୀ, କନିଷ୍ଠ ଯନ୍ତ୍ରୀ ସନତ ମଲ୍ଲିକ ଓ ଅନ୍ୟ ଅଧିକାରୀ ଉକ୍ତ ନଦୀବନ୍ଧଗୁଡ଼ିକ ବୁଲି ଦେଖିଥିଲେ। ଏଥିସହ ମକରାନଦୀର ଡାହାଣ ପାର୍ଶ୍ୱ ପାଇହିଲୁଣ୍ଡିଠାରେ ଥିବା ସ୍ଲୁଇସ୍‌ଗେଟ୍‌କୁ କେହି ବ୍ୟକ୍ତି ଅଧା ଖୋଲି ଦେଇଥିବାରୁ ବନ୍ୟାଜଳ ଧାନଜମିକୁ ପ୍ରବେଶ କରୁଥିଲା। ସ୍ଲୁଇସ୍‌ଗେଟ୍ ତଳେ କଳିକତି ଦଳ ଜମା ହୋଇଯାଇଥିବାରୁ ଗେଟ୍ ପଡ଼ି ନ ଥିଲା। ଅଧିକାରୀମାନେ ଜେସିବି ଆଣି ଗେଟ୍ ତଳେ ରହିଯାଇଥିବା ଜଳ ସଫା କରି ଗେଟ୍ ପକାଇଥିଲେ। ସମସ୍ତ ବନ୍ଧ ସୁଦୃଢ ଥିବା ଏସ୍‌ଡିଓ ପାଢୀ ପ୍ରକାଶ କରିଛନ୍ତି।

# ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧।୮(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂସ୍ଥାର ୧୪୪ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଆୟୋଜିତ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଉପସଭାପତି ଟି. ପ୍ରସାଦ ରାଓ ଦୋରା ଉପସ୍ଥିତ ଥିଲେ। ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅନାମିକା ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ, ସ୍ୱଚ୍ଛ ଭାରତ ଅଭିଯାନ, ଟାଇଡ୍ ଟର୍ନର ପ୍ଲାଷ୍ଟିକ ଚ୍ୟାଲେଞ୍ଜ, ୟୁ-ରିପୋର୍ଟର ଇଣ୍ଡିଆ, ୟୁଥ୍ ଫର୍ ୱାଟର୍ ପ୍ଲସ, ଟିକେଟ ଟୁ ଲାଇଫ, ମେସେଞ୍ଜର ଅଫ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ ବୈଠକରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।

# 'ନାଟ୍ୟଧାରା'ର ପ୍ରଥମ ନାଟକ 'ଡାଇମଣ୍ଡ ରିଙ୍ଗ' ମଞ୍ଚସ୍ଥ

**ଭୁବନେଶ୍ୱର,୧।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ 'ନାଟ୍ୟଧାରା'ର ପ୍ରଥମ ସନ୍ଧ୍ୟାରେ ନାଟକ 'ଡାଇମଣ୍ଡ ରିଙ୍ଗ' ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। 'ରଙ୍ଗଲୋକ' ନାଟ୍ୟାନୁଷ୍ଠାନର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ଅତିଥିଭାବେ ଓଡ଼ିଶା ସୋସାଇଟି ଅଫ୍ ଆମେରିକା ନାଟକ ବିଭାଗର ମୁଖ୍ୟ ସଂଯୋଜକ ଡ. ବସନ୍ତ ମହାପାତ୍ର, ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ଦେବାନନ୍ଦ ନାୟକ ଯୋଗଦେଇଥିଲେ। ନାଟକର ରଚନା ତୁଷାର କାନ୍ତ ପଟ୍ଟନାୟକ ଓ ନିର୍ଦ୍ଦେଶନା ଦେଇଛନ୍ତି ଦୁର୍ଯ୍ୟୋଧନ ସାହୁ। ନାଟକରେ ଧରିତ୍ରୀ ଖଣ୍ଡୁଆଳ, ଶୁଭଲକ୍ଷ୍ମୀ ରାଉତରାୟ, କାଜଲ ପ୍ରିୟଦର୍ଶିନୀ, ପ୍ରିୟଙ୍କା ପାଣ୍ଡେ ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଅଭିନୟ କରିଥିଲେ। ମଞ୍ଚରେ ପ୍ରଜ୍ଞାଦତ୍ତ ସାହୁ, ଆଲୋକରେ ରାକେଶ ଶତପଥୀ, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ସହ ନିର୍ଦ୍ଦେଶନାରେ ରକି ସ୍ୱାଇଁ, ପୋଷାକରେ ମାମା, ରୂପସଜ୍ଜାରେ ବିଧାନ, କାର୍ଯ୍ୟକାରୀ ପ୍ରଯୋଜନାରେ ସ୍ୱପ୍ନିତା ସାହୁ, କାର୍ଯ୍ୟକାରୀ ନିର୍ଦ୍ଦେଶନାରେ ଚିନ୍ନୁ, ରୋଶନ ଓ ରାଜା ମଞ୍ଚ ପରିଚାଳନାରେ ରକି ଓ ଶିବ ବେହେରା ଏବଂ ଉପସ୍ଥାପନାରେ ପ୍ରଶାନ୍ତ ମହାପାତ୍ର ସହଯୋଗ କରିଥିଲେ। ନାଟ୍ୟସଂଘ ସଭାପତି ମନୋଜ ପଟ୍ଟନାୟକ ସଭାରେ ସଭାପତିତ୍ୱ କରିଥିବାବେଳେ ସଂଯୋଜନା କରିଥିଲେ ସମ୍ପାଦକ ଶୁଭକାନ୍ତ ପାଢ଼ୀ। ନାଟକ ଆରମ୍ଭ ପୂର୍ବରୁ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ ଓ ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ମାଝିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ପରିବେଷିତ 'ଡାଇମଣ୍ଡ ରିଙ୍ଗ' ନାଟକର ଏକ ଦୃଶ୍ୟ।

# କୋଇଲା ଭର୍ତ୍ତି ଟ୍ରକ ଜବତ, ଚାଳକ ଗିରଫ

**କଟକ,୧।୮(କାର୍ତ୍ତିକ ସାହୁ)**

ବେଆଇନ କୋଇଲା ଚାଲାଣ ଅଭିଯୋଗରେ କଟକ ଆର୍‌ପିଏଫ୍ ଏକ କୋଇଲା ଭର୍ତ୍ତି ଟ୍ରକ୍‌କୁ ଜବତ କରିଛି। ସମ୍ପୃକ୍ତ ଟ୍ରକ୍‌ର ଚାଳକକୁ ଗିରଫ କରାଯାଇଛି। ସେ ହେଲେ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ନହରପୁରର ସେକ୍ ଅଲି ବାବୁ (୩୦)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ, ଧାମରା-ଭଦ୍ରକ ସେକ୍‌ସନ୍ ରେଳପଥ ଅଞ୍ଚଳରୁ କୋଇଲା ଚୋରି ହୋଇ ଏକ ଟ୍ରକ୍‌ରେ କଟକ ଆସୁଥିବା ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଆର୍‌ପିଏଫ୍ କଟକ ଟିମ୍ ଏବଂ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ଟିମ୍ ମିଳିତ ଭାବେ ଜାତୀୟ ରାଜପଥ ୧୬ରେ ତୀକ୍ଷ୍ଣ ନଜର ରଖିଥିଲେ। ତେବେ ଟ୍ରକ୍ (ଓଡି-୦୪-କ୍ୟୁ-୪୯୯୬)ଟି ଚୋରା କୋଇଲା ପରିବହନ ନେଉଥିବା ବେଳେ କଟକ ନିର୍ଗୁଣ୍ଡି ନିକଟରୁ ଧରାପଡ଼ିଥିଲା। ଟ୍ରକ୍‌ରେ ପ୍ରାୟ ୨୦ଟନ୍ କୋଇଲା ଥିବା ଆକଳନ କରାଯାଇଛି। ରେଲୱେ ସମ୍ପତ୍ତି ଚୋରି କରିବା ଅଭିଯୋଗରେ ଆର୍‌ପିଏଫ୍ ଏକ କେସ୍ (ନଂ.୧୨/୨୦୨୪) ରୁଜୁ କରିଛି। ମାମଲାର ତଦନ୍ତ ଚାଲିଛି। ଏହି କାରବାରରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେନେଇ ତଦନ୍ତ କରାଯାଉଥିବା ଆର୍‌ପିଏଫ୍ ଆଇଆଇସି ଅନୀଲ ସିଂହ କହିଛନ୍ତି।

# ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

**ନିମାପଡ଼ା,୧।୮(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଥାନା ଅଧୀନ ବିଷ୍ଣୁପୁର ଗ୍ରାମ ସିଦ୍ଧେଶ୍ୱରଙ୍କ ମନ୍ଦିର ନିକଟରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଭରତ ସ୍ୱାଇଁ(୪୬)। ତାଙ୍କଠାରୁ ପୋଲିସ ୩୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ପକ୍ଷରୁ ଜଣାପଡ଼ିଛି। ଏନେଇ ୬୯/୨୪-୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ନିରୀକ୍ଷକ କୃଷ୍ଣପାଣି ସିନ୍ଧୁର, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉ କରିଥିଲେ। ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ସ୍ୱାଗତିକା ଘଡ଼ାଇ, ଶରତ ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ। ନିମାପଡ଼ା କଲେଜ ଡେଲ୍‌ଟା ଛକ, ଜେଲ ଛକ, ଗୋଲେଇ ଛକ, ଦୋଳବେଦୀ ଛକ, ପେଟାଘାଇ ରାସ୍ତା ଛକ ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା।

# ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲୁଗାଁ,୧।୮(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷା ଦାଶ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଶିକ୍ଷକ ସଂଘ ଓ ଅଣଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୁକ୍ତ୨ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶିବ ପ୍ରସାଦ ନାୟକ, ବାଲୁଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଜୟନ୍ତୀ ସାମଲ, ଗ୍ରନ୍ଥାଗାରିକା ରେଣୁବାଳା ଦାସ, ଅଧ୍ୟାପକ ସୁବାସ ଶ୍ରୀଚନ୍ଦନ, ଶିକ୍ଷକ ସଂଘ ସଭାପତି ଡ. ମୋନାଲିସା ମାନସିଂହ, ସମ୍ପାଦକ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂ, ମୁଖ୍ୟ କିରାଣି ସୁଧାକର ନାୟକ, ଅଧ୍ୟାପକ ମୃତ୍ୟୁଞ୍ଜୟ ଶଙ୍କର ପ୍ରସାଦ ମିଶ୍ର, ସୁବ୍ରତ ତ୍ରିପାଠୀ, ପତିତପାବନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ପ୍ରବୀଣ ଜେନା, ସନ୍ତୋଷ ରଥ, ସୁନିତା ନନ୍ଦ, ଅମ୍ରିତା ନନ୍ଦ, କ୍ରିଷ୍ଣା ସେଠୀ, ଶୁଭଦର୍ଶିନୀ ବିଶ୍ୱାଳ, ଝରଣା ନାଥ, ଶିବରାମ ସିଂ, ସ୍ୱାତୀ ସ୍ୱାଗତିକା ସାହୁ, ରୀନା ରାଉତ, ରୋଜାଲିନ ମିଶ୍ର, ମନସ୍ୱିନୀ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା, ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।



# ବିଭିନ୍ନ କ୍ଷେତ୍ରରେ ୩୪ଜଣ ସମ୍ମାନିତ

**୮ମ ଓ ୯ମ ଶବରୀ ଉତ୍ସବ**

**ଭୁବନେଶ୍ୱର,୧।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଶବରୀ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସୂଚନା ଭବନରେ ୮ମ ଓ ୯ମ ଶବରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜଷ୍ଟିସ୍ ବିମଳ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଗୁରୁଶ୍ରୀ ନିରଞ୍ଜନ ରାଉତ, ଚିନ୍ତା ଓ ଚେତନାର ମହାସଚିବ ସୁରେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ୨୦୨୩-୨୪ ବର୍ଷ ପାଇଁ ସମ୍ମାନିତ କରାଯାଇଥିଲା। ୨୦୨୩ବର୍ଷ ପାଇଁ ଗୁରୁ ଡ. ପୂର୍ଣ୍ଣଶ୍ରୀ ରାଉତ, ଗୁରୁ ମହାପାତ୍ର ମିନତୀ ଭଞ୍ଜ, ଗୁରୁ ଡ. ଜଗନ୍ନାଥ କୁଅଁର,ଗୁରୁଶ୍ରୀ ଚକ୍ରଧର ଦେବତା, ଗୁରୁଶ୍ରୀ ଭ୍ରମରବର ପରିଡ଼ା, ନ୍ୟାୟାଧୀଶ ବିଚିତ୍ରାନନ୍ଦ ଦାଶ, ରାମପ୍ରସାଦ ଦାଶ, ବୈଦ୍ୟରାଜ ଡ. ଦେବୀପ୍ରସାଦ ରଥ, ପ୍ରଦୀପ କୁମାର ମିଶ୍ର, ନଟବର ଆଚାର୍ଯ୍ୟ, ପ୍ରଦୋଷ ପଟ୍ଟନାୟକ, ଗୋପୀନାଥ ନାୟକ, ଡ. ଦିଲୀପ କୁମାର ଆଚାର୍ଯ୍ୟ, ଡ. କେଦାରନାଥ ନାୟକ, ଗୁରୁଶ୍ରୀ ଅଶୋକ କୁମାର ଘୋଷାଲ୍, ବନ୍ଦିତା ଘୋଷାଲ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪ ପାଇଁ ଗୁରୁଶ୍ରୀ ବ୍ରଜକିଶୋର ମଲ୍ଲିକ, ଗୁରୁଶ୍ରୀ ନିମାକାନ୍ତ ରାଉତରାୟ, ଗୁରୁଶ୍ରୀ ନରେନ୍ଦ୍ର କୁମାର ନାୟକ, ଗୁରୁଶ୍ରୀ ବିବସ୍ୱ ସ୍ୱାଇଁ, ସୌଦାମିନୀ ମହାପାତ୍ର, ଗୁରୁଶ୍ରୀ ଲୋକନାଥ ମହାନ୍ତି, ନ୍ୟାୟାଧୀଶ ଜଗଜ୍ଜୀବନ ପାତ୍ର, ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ବୈଦ୍ୟରାଜ ଡ. ବିଷ୍ଣୁଚରଣ ମହାନ୍ତି, ପ୍ରସନ୍ନ ମିଶ୍ର, ପ୍ରଫେସର ଡ. ରମେଶ ଚନ୍ଦ୍ର ପରିଡ଼ା, ସନ୍ଦୀପ ସାହୁ, ରିତୁପର୍ଣ୍ଣା ମହାନ୍ତି, ମଧୁମଙ୍ଗଳ ମହାରଣା, ଗୌରଚନ୍ଦ୍ର ପରିଡ଼ା, ମୋତିଲାଲ୍ ନନ୍ଦ, ଗୁରୁଶ୍ରୀ ସରୋଜ କୁମାର ଦେହୁରୀ, ଅନ୍ୱେଷା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅପରାହ୍ନରେ ସମ୍ମାନିତ ଆଲୋଚକ ସୁରେନ୍ଦ୍ର ଦାଶ, ନାରାୟଣ ମହାପାତ୍ର ଓ ଗୁରୁ ଡ. ଜଗନ୍ନାଥ କୁଅଁରଙ୍କର ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗୁରୁଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଲୋକକଳା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗୁରୁ ମମତା ଦାଶ ଏବଂ ସମ୍ମାନିତ ଗୁରୁମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ସଙ୍ଗୀତ ପରିବେଷିତ ହୋଇଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ଦାସକାଠିଆ ଓ କଣ୍ଢେଇ ନାଚ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଉପସଭାପତି ମାନସ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସମ୍ପାଦିକା ସଂଘମିତ୍ରା ପରିଡ଼ା ଅନୁଷ୍ଠାନର ଉତ୍ତୋରତ୍ତର କାମନା କରିଥିଲେ।



